

ତୁମେ ଅନ୍ୟଠାରୁ ଯେଭଳି ବ୍ୟବହାର ଆଶା କରୁନାହଁ,
ସେଭଳି ବ୍ୟବହାର ତୁମେ ଅନ୍ୟ ପ୍ରତି ନ କରିବା ଉଚିତ।
-କନଫୁସିୟସ



## ସଂକ୍ଷେପରେ

### ବାଇକ୍ ଦୁର୍ଘଟଣାରେ ୪ ଗୁରୁତର

ଧର୍ମଶାଳା/ଚଣ୍ଡିଖୋଲ,୨।୮(ଡି.ଏନ୍.ଏ.): ଧର୍ମଶାଳା ଥାନା ଅନ୍ତର୍ଗତ ୫୩ ନମ୍ବର ଜାତୀୟ ରାଜପଥ ଆରୁହା ଛକ ନିକଟରେ ଶୁକ୍ରବାର ବାଇକ୍ ଦୁର୍ଘଟଣାରେ ୪ଜଣ ଗୁରୁତର ହୋଇଛନ୍ତି। ସେମାନେ ହେଲେ ଜେନାପୁର ଥାନା ଅନ୍ତର୍ଗତ ତୁରଙ୍ଗ ଗ୍ରାମର ଭ୍ରମେଶ୍ୱର ନାୟକ(୫୦), ସ୍ତ୍ରୀ ବନଲତା ନାୟକ(୪୦), ବଡ ଝିଅ ଦେବସ୍ମିତା(୧୦) ଓ ସାନ ଝିଅ ଦିବ୍ୟପ୍ରିୟ ଦର୍ଶୀନୀ। ଚଣ୍ଡିଖୋଲ ଦମକଳ ବାହିନୀ ସେମାନଙ୍କୁ ଉଦ୍ଧାର କରି ବଡ଼ଚଣା ଡାକ୍ତରଖାନାରେ ଭର୍ତ୍ତି କରିଛନ୍ତି। ଭ୍ରମେଶ୍ୱର ବାଇକ୍‌ରେ ପରିବାର ସହ ଜାରକା ଆସୁଥିବା ବେଳେ ଆରୁହା ଛକ ନିକଟରେ ଏକ ଗୋରୁ ରାସ୍ତା ଉପରକୁ ଚାଲି ଆସିବାରୁ ଭାରସାମ୍ୟ ହରାଇ ଧକ୍କା ହୋଇଥିଲେ।

### ୧୧ରେ ଜେୟୁଜେର ବନ୍ଧୁ ମିଳନ

ଯାଜପୁରରୋଡ,୨।୮(ଡି.ଏନ.ଏ.): ଯାଜପୁର ୟୁନିୟନ ଅଫ ଜର୍ନାଲିଷ୍ଟ (ଜେୟୁଜେ)ର ଏକ ବୈଠକ ଶୁକ୍ରବାର ବ୍ୟାସନଗରଠାରେ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ଆସନ୍ତା ୧୧।୮।୨୦୧୯ ତାରିଖରେ କୁଆଖିଆଠାରେ ଏକ ବନ୍ଧୁମିଳନ କରିବାକୁ ସ୍ଥିର କରାଯାଇଛି। ପୂର୍ବରୁ ଜେୟୁଜେରେ ସଭ୍ୟ ଥିବା ସମସ୍ତଙ୍କୁ ଯୋଗଦେବାକୁ ନିମନ୍ତ୍ରଣ କରାଯିବ ବୋଲି ଆଲୋଚନା ହୋଇଛି। ତେବେ ଗତ ଚଣ୍ଡିଖୋଲ ବୈଠକରେ ଜେୟୁଜେରୁ ସମୂହ ଇସ୍ତଫା ଘଟଣାକୁ ବୈଠକରେ ନିନ୍ଦା କରାଯାଇଥିଲା। ବୈଠକରେ ସମରଜିତ ମହାନ୍ତି, ରାଜୀବ ମହାନ୍ତି, ଅଭୟ ପତି, ବିଶ୍ୱଭୂଷଣ ଜେନା, ରଞ୍ଜିତ ରାଉତ, ପ୍ରଶାନ୍ତ କୁମାର ଜେନା, ସମରବିଜୟ ଶରଣ ପ୍ରମୁଖ ଉପସ୍ଥିତ ଥିଲେ।

### ବନ୍ୟପ୍ରାଣୀ ପ୍ରତି ସହନଶୀଳ ସମ୍ପର୍କିତ ଚିତ୍ରାଙ୍କନ ପ୍ରତିଯୋଗିତା

କାଳିଆପାଣି,୨।୮(ଡି.ଏନ୍.ଏ.): ସୁକିନ୍ଦା ବନଖଣ୍ଡ ବିଭାଗ ପକ୍ଷରୁ ପ୍ରତିବିଦ୍ୟାଳୟରେ ବନ୍ୟ ପ୍ରାଣୀ ପ୍ରତି ସହନଶୀଳ ସମ୍ପର୍କିତ ସଚେତନତା କାର୍ଯ୍ୟକ୍ରମ କରାଯାଉଛି। ଏହି କ୍ରମରେ ଶୁକ୍ରବାର କଲରଙ୍ଗୀ ଅତା ଟିସ୍କୋ ସରସ୍ୱତୀ ଶିଶୁ ବିଦ୍ୟାମନ୍ଦିର ପରିସରରେ ଜୁନିୟର ବିଭାଗର ଶହେରୁ ଊର୍ଦ୍ଧ୍ୱ ଛାତ୍ରୀଛାତ୍ରଙ୍କୁ ନେଇ ଚିତ୍ରାଙ୍କନ ପ୍ରତିଯୋଗୀତା ଅନୁଷ୍ଠିତ ହୋଇଯାଇଛି। ଆଚାର୍ଯ୍ୟ ଦୁର୍ଗା ଚରଣ ରାଉତ ପ୍ରଥମେ ଛାତ୍ରୀଛାତ୍ରଙ୍କୁ ବନ୍ୟପ୍ରାଣୀ ସମ୍ବନ୍ଧରେ ସୂଚନା ପ୍ରଦାନ କରି କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଆଚାର୍ଯ୍ୟା ସୁଶ୍ରୀ ସୁନିତା ମହାନ୍ତି, ମାନସୀ ରାଉତରାୟ, ଖଗେଶ୍ୱର ନାୟକ ଖାତା ମୂଲ୍ୟାଙ୍କନ କରିଥିଲେ। ପୁରସ୍କାର ବିତରଣୀ ଉତ୍ସବରେ ପ୍ରଧାନ ଶିକ୍ଷକ ଅଭିରାମ ସେଠୀ ମୁଖ୍ୟ ଅତିଥିଭାବେ ଯୋଗଦେଇ ବନ୍ୟପ୍ରାଣୀ ପ୍ରତି ସହନଶୀଳ ଓ ଭାରତ ମୁଖ୍ୟ ଆଧାର ଜୀବେ ଦୟା ପ୍ରତି ସମସ୍ତେ ସଚେତନ ହେବାକୁ ମାର୍ଗଦର୍ଶନ କରିବା ସହ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କାର ବିତରଣ କରିଥିଲେ। ଶନିବାର ଶ୍ରେଷ୍ଠ ପ୍ରତିଯୋଗୀ ୩ ଜଣ ସୁକିନ୍ଦାସ୍ଥିତ ଜଗନ୍ନାଥ ହାଇସ୍କୁଲଠାରେ ଆୟୋଜିତ ପ୍ରତିଯୋଗିତାରେ ଭାଗ ନେବେ ବୋଲି ସ୍କୁଲ କର୍ତ୍ତୃପକ୍ଷ ସୂଚନା ସୂଚନା ଦେଇଛନ୍ତି।

■ ୫-ଟି କୁ ନେଇ ଆକ୍ସନମୁଡରେ ଜିଲା ପ୍ରଶାସନ

# ଖସି ଯାଉଛନ୍ତି ପ୍ରଭାବଶାଳୀ ଅଧିକାରୀ

■ଯୋଗାଣ ବିଭାଗରେ ଦୁର୍ନୀତି ଅଣାୟତ୍ତ
■ଦୁର୍ନୀତିରେ ସହଯୋଗୀଙ୍କୁ ତଦନ୍ତ ଦାୟିତ୍ୱ

ଯାଜପୁର ଅଫିସ,୨।୮

ମୁଖ୍ୟମନ୍ତ୍ରୀଙ୍କ ୫-ଟି ଶାସନ ସୂତ୍ରର ପ୍ରଭାବ ଯାଜପୁର ଜିଲା ପଞ୍ଚାୟତିରାଜ ବିଭାଗର ଦୁର୍ନୀତିଖୋର କର୍ମଚାରୀଙ୍କ ନିଦ ହଜାଇ ଦେଇଛି। ଜିଲା ପରିଷଦ ଷ୍ଟେନୋଗ୍ରାଫରଙ୍କୁ ଗୁରୁବାର ନିଲମ୍ବିତ କରାଯାଇଥିବାବେଳେ ୧୮ଜଣ ପଞ୍ଚାୟତ ନିର୍ବାହୀ ଅଧିକାରୀଙ୍କୁ ଚେତାବନୀ ଦିଆଯାଇଛି। ସେହିପରି ଯୋଗାଣ ବିଭାଗର କେତେକ ବେସରକାରୀ ଖୁଚୁରା ବିକ୍ରେତାଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇଛି। ତେବେ ଏବେବି ଅନେକ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀ ନିଜର ପ୍ରଭାବ ବିସ୍ତାର କରି ରହିଥିବାରୁ ସେମାନଙ୍କ ବିରୋଧରେ କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଇ ପାରୁ ନ ଥିବା ଜଣାପଡ଼ିଛି।

ଯୋଗାଣ ବିଭାଗ କାର୍ଯ୍ୟାଳୟର ଆକାଉଣ୍ଟ ସେକ୍ସନରେ କାର୍ଯ୍ୟରତ ଜଣେ ପ୍ରଭାବଶାଳୀ ସହକାରୀ ମ୍ୟାନେଜରଙ୍କ କାର୍ଯ୍ୟକଳାପ ଉପରେ ଏକାଧିକବାର ଅଭିଯୋଗ ହୋଇ ଆସୁଥିଲେ ହେଁ ତାଙ୍କ ବିରୋଧରେ ସେଭଳି କୌଣସି କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯାଉ ନାହିଁ। ଅଭିଯୋଗ ଅମୂଳକ ବୋଲି ଦର୍ଶାଇ ବିଭାଗୀୟ ଅଧିକାରୀ ତାଙ୍କୁ ବାରମ୍ବାର ସୁରକ୍ଷା ଦେଇ ଆସୁଛନ୍ତି । ଏଥିଯୋଗୁ ଯୋଗାଣ ବିଭାଗରେ ଦୁର୍ନୀତି ସୀମା ଲଂଘିଛି । ଏକ ନିରପେକ୍ଷ ତଦନ୍ତର ଆବଶ୍ୟକ ରହିଛି ବୋଲି ବିଭିନ୍ନ ସମୟରେ ଦାବି ହେଉଥିଲେ ହେଁ କେହି ଶୁଣୁ ନାହାନ୍ତି। ପୂର୍ବରୁ ସାମାଜିକ କର୍ମୀ ଅକ୍ଷୟ କୁମାର ଦାସଙ୍କ ଦ୍ୱାରା ହୋଇଥିବା ଅଭିଯୋଗକୁ ମଧ୍ୟ ଭୁଲ ପ୍ରମାଣିତ କରାଯାଇଛି। ଯୋଗାଣ ନିଗମର ଜେନେରାଲ ମ୍ୟାନେଜର(ଜିଏମ୍) ନରହରି ସେଠୀ ତାଙ୍କ ପତ୍ରସଂଖ୍ୟା ୬୧୨୦/୨୪।୪।୨୦୧୯ ଓ ୩୮୪୮/୧୩।୩।୨୦୧୯ରେ ଯାଜପୁର ଜିଲା ଯୋଗାଣ ଅଧିକାରୀଙ୍କୁ ତଦନ୍ତ କରିବାକୁ ନିର୍ଦ୍ଦେଶ ଦେଇଥିଲେ। ପୂର୍ବରୁ ଯୋଗାଣ ନିଗମର ପରିଚାଳନା ନିର୍ଦ୍ଦେଶକଙ୍କୁ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଥିଲା। ସ୍ମାରକପତ୍ରରେ ଦର୍ଶାଯାଇଥିଲା ଯେ, ଯାଜପୁର ଜିଲା ଯୋଗାଣ ବିଭାଗରେ ସହକାରୀ ମ୍ୟାନେଜର (ଆକାଉଣ୍ଟ) ବିପିନବିହାରୀ ପ୍ରଧାନ ଯୋଗଦାନ କରିବା ଦିନଠାରୁ ମନମୁଖୀ କାର୍ଯ୍ୟ ବୃଦ୍ଧି ହୋଇଛି। ଜିଲା ଯୋଗାଣ ଅଧିକାରୀ ସହକାରୀ ମ୍ୟାନେଜର ପ୍ରଧାନଙ୍କ ଇଙ୍ଗିତରେ ପରିଚାଳିତ ହେଉଛନ୍ତି। ବିଲ୍ ପାସ ହେବାପରେ ଏହି ଦୁଇ ଅଧିକାରୀ ମିଲର୍ସ ଓ ଠିକାଦାରଙ୍କ ନିକଟରୁ ମୋଟା ଅଙ୍କର ପିସି ନେଇ ଭାଗବଣ୍ଟା କରିଥାନ୍ତି। ସମବାୟ ସମିତିରେ ଧାନ କୁଇଣ୍ଟାଲ ପିଛା ୩/୫ କେଜି କଟ୍‌ନି ଛଟ୍‌ନି ହୋଇଥାଏ। ଏହି ବାବଦରେ ସମିତି କିମ୍ବା ମିଲର୍ସଙ୍କଠାରୁ ଅର୍ଥ ଆଦାୟ କରି ନିଜ ପକେଟ ଗରମ କରିଥାନ୍ତି। ଏନେଇ ଚାଷୀ ପ୍ରତିବାଦ କଲେ ଜିଲା ଓ ରାଜ୍ୟସ୍ତରର ଅଧିକାରୀଙ୍କୁ ସନ୍ତୁଷ୍ଟ କରିବାକୁ ଏହି ଟଙ୍କା ଦିଆଯାଇଥାଏ ବୋଲି ସହକାରୀ ମ୍ୟାନେଜର ପ୍ରକାଶ କରିଥାନ୍ତି । ଯେଉଁ ମିଲର୍ସ ପିସି ଦେବାରେ ମନା କରିଥାନ୍ତି ସେମାନଙ୍କ ଚାଉଳ ଡେଲିଭରି ସମୟରେ ଉଦ୍ଦେଶ୍ୟମୂଳକ ଭାବେ ବିଳମ୍ବ କରିଥାନ୍ତି। ଏଭଳି ଅନେକ ଦୁର୍ନୀତି ଓ ଅନିୟମିତତା ଚାଲିଥିଲେ ହେଁ ଜିଲା ଯୋଗାଣ ଅଧିକାରୀ ଆଖି ବୁଜି ଦେଇଛନ୍ତି। ପୂର୍ବରୁ ସଂଗ୍ରହ ନୀରିକ୍ଷକ(ପିଆଇ), ହ୍ୟାଣ୍ଡଲିଂ କଣ୍ଟ୍ରାକ୍ଟର, ଲେଭଲ-୧ ଓ ଲେଭଲ-୨ ଠିକାଦାରଙ୍କୁ ବ୍ଲାକମେଲିଂ କରି ନିଗମ ମୁଖ୍ୟକାର୍ଯ୍ୟାଳୟର ଉଚ୍ଚପଦସ୍ଥ ଅଧିକାରୀଙ୍କ ନାମରେ ମାସିକ ଲକ୍ଷାଧିକ ଟଙ୍କା ଅସୁଲ କରାଯାଉଥିବା ଅଭିଯୋଗ ହୋଇଥିଲା। ପ୍ରତ୍ୟେକ ମାସରେ ଆର୍‌ଆର୍‌ସିରେ ଦେଉଥିବା ଚାଉଳ ବାବଦକୁ କୁଇଣ୍ଟାଲ ପିଛା ୧୦ ଟଙ୍କା ହିସାବରେ ମିଲର୍ସ ଓ ପରିବହନ କମ୍ପାନୀଠାରୁ ଲକ୍ଷାଧିକ ଟଙ୍କା ମାସର ପ୍ରଥମ ସପ୍ତାହରେ ଆଦାୟ ହୋଇଥାଏ। ଏନେଇ ବିଭାଗ ପକ୍ଷରୁ ପୂର୍ବରୁ ତଦନ୍ତ ନିର୍ଦ୍ଦେଶ ହୋଇଥିଲେ ହେଁ ଦୁର୍ନୀତିରେ ଭାଗିଦାରୀ ସାଜିଥିବା ଅଧିକାରୀ ନିଜେ ତଦନ୍ତ କରୁଥିବାରୁ ତାହା ବାଟବଣା ହୋଇ ଆସିଛି । ସେହିପରି ସମବାୟ ସମିତି(ପ୍ୟାକ୍ସ)ଗୁଡ଼ିକରେ ବ୍ୟାପକ ଦୁର୍ନୀତି ଅଭିଯୋଗ ହୋଇଛି। ମଙ୍ଗଳପୁର, ମାର୍କଣ୍ଡପୁର, ବଦାଳ, ବ୍ରହ୍ମବରଦା, ରେଖିଦେଇପୁର, ମହିସରା ଆଦି ପ୍ୟାକ୍ସରେ ଧାନ ବିକ୍ରିରେ ହେରଫେର, ବୀମା ଟଙ୍କା, ଋଣ ଆଦି ଜାଲିଆତି କରାଯାଇ ବ୍ୟାପକ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି। ହେଲେ ଏହିସବୁ କେବଳ ତଦନ୍ତରେ ସୀମିତ ରହିଛି। ତେଣୁ ମୁଖ୍ୟମନ୍ତ୍ରୀଙ୍କ ୫-ଟି ଶାସନକୁ ଚରିତାର୍ଥ କରିବାକୁ ତଳିଆ କର୍ମଚାରୀଙ୍କ ସମେତ ପ୍ରଭାବଶାଳୀ ଦୁର୍ନୀତିଗ୍ରସ୍ତ ଅଧିକାରୀଙ୍କ ଉପରେ ମଧ୍ୟ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବାର ଆବଶ୍ୟକ ରହିଛି ବୋଲି ମତପ୍ରକାଶ ପାଉଛି। ଏସଂକ୍ରାନ୍ତରେ ଜିଲା ଯୋଗାଣ ଅଧିକାରୀ ସୁରେନ୍ଦ୍ର କୁମାର ହୋତା କୁହନ୍ତି ବିଭାଗରେ କୌଣସି ଦୁର୍ନୀତି ହେଉ ନାହିଁ। ଏନେଇ ପୂର୍ବରୁ ତଦନ୍ତ ରିପୋର୍ଟ ଦାଖଲ ହୋଇ ସାରିଛି।

କୋରେଇ ଶିକ୍ଷା ମଣ୍ଡଳ

## ଜାଲ୍ ପ୍ରମାଣପତ୍ରରେ ଶିକ୍ଷକ ନିଯୁକ୍ତି ଅଭିଯୋଗ

କୋରେଇ,୨।୮(ସ୍ୱ.ପ୍ର.)

କୋରେଇ ଶିକ୍ଷା ମଣ୍ଡଳ ଅଧୀନରେ ଥିବା ଶିକ୍ଷକଙ୍କ ମଧ୍ୟରୁ ପାଖାପାଖି ୩୫ ଜଣରୁ ଉର୍ଦ୍ଧ୍ୱ ଶିକ୍ଷୟିତ୍ରୀଶିକ୍ଷକ ଜାଲ୍ ସାର୍ଟିଫିକେଟ ଓ ଜାତିଗତ ପ୍ରମାଣପତ୍ର ଦେଇ ଚାକିରୀ କରିଥିବା ଅଭିଯୋଗ ହୋଇଛି। ଏହି ସବୁ ଶିକ୍ଷକମାନେ ବୋର୍ଡ ଅଫ ସେକଣ୍ଡାରୀ ଏଜୁକେଶନ ମଧ୍ୟଭାରତ ଓ ଉତର ଭାରତର ବିଭିନ୍ନ ନକଲି ବିଶ୍ୱବିଦ୍ୟାଳୟରୁ ବିନା ପରୀକ୍ଷାରେ ସାର୍ଟିଫିକେଟ ପାଇ ରାଜ୍ୟ ତଥା ରାଜ୍ୟ ବାହାରେ ଥିବା ସଂସ୍କୃତ ବିଶ୍ୱବିଦ୍ୟାଳୟରେ ବିଇଡି ଓ ସିଟିରେ ନାମ ଲେଖାଇ ସାର୍ଟିଫିକେଟ ହାସଲ କରିଛନ୍ତି। ଏହି ସାର୍ଟିଫିକେଟ ମାଧ୍ୟରେ ବିଭିନ୍ନ ସରକାରୀ ଶିକ୍ଷାନୁଷ୍ଠାନରେ ଶିକ୍ଷକ ଭାବେ ନିଯୁକ୍ତି ପାଇଥିବା ଖବର ଏବେ ଚର୍ଚ୍ଚା ଯୋର ଧରିଛି। ଏ ସମ୍ପର୍କରେ ବ୍ଲକ ମଣ୍ଡଳ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ଶତପଥୀଙ୍କୁ ପଚାରିବାରୁ, ସମସ୍ତ ଶିକ୍ଷକଙ୍କର ଶିକ୍ଷା ଓ ଜାତିଗତ ପ୍ରମାଣ ପତ୍ର ଜାଞ୍ଚ ଚାଲିଛି। ଯାହାର ତୃଟି ବାହାରିବ ତାଙ୍କ ଉପରେ ଦୃଢ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି କହିଛନ୍ତି।

## ଅଭିଯୁକ୍ତ ସ୍ୱାମୀଙ୍କୁ ୧୦ ବର୍ଷ ସଶ୍ରମ କାରାଦଣ୍ଡ

ରଜନୀମୁଣ୍ଡା ହତ୍ୟାକାଣ୍ଡ

ଯାଜପୁରରୋଡ,୨।୮(ଡି.ଏନ.ଏ.)

ଯାଜପୁର ରୋଡ ଥାନା ଅର୍ନ୍ତଗତ ନୂଆଗାଁର ଏକ ହତ୍ୟା ମାମଲାର ଶୁଣାଣି କରି ଶୁକ୍ରବାର ଯାଜପୁରରୋଡ ଅତିରିକ୍ତ ଜିଲା ଦୌରାଜଜ (ଏଡିଜେ)ଅଭିଯୁକ୍ତ ସ୍ୱାମୀଙ୍କୁ ୧୦ବର୍ଷ ସଶ୍ରମ କାରାଦଣ୍ଡରେ ଦଣ୍ଡିତ କରିଛନ୍ତି। ଏଥିସହିତ ୨ହଜାର ଟଙ୍କା ଅର୍ଥ ଦଣ୍ଡରେ ଦଣ୍ଡିତ କରାଯାଇଛି। ଅର୍ଥ ଅନାଦେୟ କ୍ଷେତ୍ରରେ ଅଧିକ ୬ମାସ ଜେଲ୍ ଭୋଗିବାକୁ ପଡ଼ିବ ବୋଲି ବିଚାରପତି ରାୟରେ ଉଲ୍ଲେଖ କରିଛନ୍ତି।

ସୂଚନାଯୋଗ୍ୟ ଯେ, ୨୦୧୫ ମେ' ୧୦ତାରିଖରେ ନୂଆଗାଁର ରଜନୀ ମୁଣ୍ଡାଙ୍କୁ ତାଙ୍କ ସ୍ୱାମୀ କୁନା ସିଂ ପିଟିପିଟି ହତ୍ୟା କରିଥିଲେ। ଏନେଇ ଯାଜପୁର ରୋଡ ଥାନାରେ ରଜନୀଙ୍କ ବାପ ଘର ଲୋକ ଲିଖିତ ଅଭିଯୋଗ କରିଥିଲେ। ରଜନୀଙ୍କ ଚରିତ୍ରକୁ ସ୍ୱାମୀ କୁନା ଏହି ହତ୍ୟାକାଣ୍ଡ ଘଟାଇଥିବା ଅଭିଯୋଗରେ ଦର୍ଶାଯାଇଥିଲା। ଅଭିଯୋଗକୁ ଭିତ୍ତି କରି ଯାଜପୁରରୋଡ ଥାନା ପୋଲିସ ଏକ ମାମଲା(ନଂ.୩୧୮/୨୦୧୫) ରୁଜୁ କରି ଅଭିଯୁକ୍ତ ସ୍ୱାମୀଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଥିଲା। ଯାଜପୁର ରୋଡ ଏଡିଜେ ଦେବଦତ୍ତ ଦାସ ମହାପାତ୍ର ଏହି ମାମଲାର ବିଚାର ସମୟରେ ୧୪ ଜଣ ସାକ୍ଷୀଙ୍କ ବୟାନକୁ ଭିତ୍ତି କରି ଏହି ମାମଲାର ରାୟ ପ୍ରକାଶ କରିଛନ୍ତି। ଏହି ମାମଲାକୁ ସରକାରୀ ଓକିଲ ରଜତ କୁମାର ରାଉତ କରିଚାଳନା କରୁଥିଲେ।

## ମମତା ମିଶନ କାର୍ଯ୍ୟକ୍ରମର ଶୁଭାରମ୍ଭ

ଧର୍ମଶାଳା,୨।୮(ଡି.ଏନ୍.ଏ.)

ଧର୍ମଶାଳା ବ୍ଲକ ଜାରକା ଇନରହୁିଲ କ୍ଲବ ପକ୍ଷରୁ ଶୁକ୍ରବାର ମମତା ମିଶନ କାର୍ଯ୍ୟକ୍ରମର ଶୁଭାରମ୍ଭ କରାଯାଇଛି। ଏଥିରେ କୌଣସି ପିଲା ଯେପରି ଅନାଥ ନ ରହିବେ ସେଥିଲାଗି ଜନସଚେତନତା ସୃଷ୍ଟି କରାଯାଇଛି। ଇନରହୁଇଲର ପୁର୍ବତନ ସଭାନେତ୍ରୀ ମିନତୀ ସାହୁ ଓ ମାଧୁରୀ ଶତପଥୀ କାର୍ଯ୍ୟକ୍ରମ ଉଦ୍‌ଘାଟନ କରିଥିଲେ। ପରେ ଇନର ହୁଇଲର ସଦସ୍ୟାମାନେ ଧର୍ମଶାଳା ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରକୁ ପହଞ୍ଚି ମୁଖ୍ୟ ଚିକିତ୍ସା ଅଧିକାରୀ ଓ ଧର୍ମଶାଳା ଥାନାରେ ଥାନା ଅଧିକାରୀଙ୍କୁ ଭେଟି କାର୍ଯ୍ୟକ୍ରମ ସମ୍ପର୍କରେ ଅବଗତ କରିଥିଲେ। ସାଭାପତି କଳ୍ପନା ପରିଡା, ଉପସଭାପତି ଅର୍ଚ୍ଚନା ସ୍ୱାଇଁ , ସମ୍ପାଦିକା ଲୋପାମୁଦ୍ର ଷେଣ୍ଟେ, ସହ ସମ୍ପାଦିକା ଇନ୍ଦୁପ୍ରାଭା ସାମଲ, ଲକ୍ଷ୍ମୀପ୍ରିୟା ଖମାରୀ, ସ୍ମୀତା ଦେବୀ, ପ୍ରତିଭା ସାହୁ, ରୋଟାରୀ କ୍ଲବର ସଦସ୍ୟ ବିନୋଦ ପରିଡ଼ା, ପ୍ରଶାନ୍ତ ପୃଷ୍ଟି ପ୍ରମୁଖ ସଚେତନତା କାର୍ଯ୍ୟକ୍ରମରେ ଅଂଶଗ୍ରହଣ କରିଥିଲେ ।

■ ତିନି ତଲାକକୁ ନେଇ ଭାଜପା ବିଧାୟକଙ୍କ ମନ୍ତବ୍ୟ ପ୍ରସଙ୍ଗ

## କୁଶପୁତ୍ତଳିକା ଦାହ କଲା କଂଗ୍ରେସ



ଚଣ୍ଡିଖୋଲ ଛକରେ କଂଗ୍ରେସ କର୍ମୀମାନେ କୁଶ ପୁତ୍ତଳିକା ଦାହ କରୁଛନ୍ତି।

ଚଣ୍ଡିଖୋଲ,୨।୮(ଡି.ଏନ୍.ଏ)

ତିନି ତଲାକ ବିଲ୍ କେନ୍ଦ୍ର ସରକାର ଆଣିବା ପରେ ଏହା ରାଷ୍ଟ୍ରପତିଙ୍କ ଅନୁମୋଦନ ଲାଭ କରିସାରିଛି। ଏହି ବିଲ୍‌କୁ ନେଇ ଗୁରୁବାର ବିଧାନସଭା ଆଲୋଚନା ସମୟରେ ଭାଜପା ବିଧାୟକ ଦଳର ଉପନେତା ବିଷ୍ଣୁଚରଣ ସେଠୀ ମୁସଲିମ ମହିଳାଙ୍କ ପ୍ରତି ଅଶାଳୀନ ମନ୍ତବ୍ୟ ଦେଇଥିଲେ। ଏହି ଘଟଣାକୁ କେନ୍ଦ୍ରକରି ପ୍ରଦେଶ କଂଗ୍ରେସ କମିଟିର ଆହ୍ୱାନ କ୍ରମେ ଶୁକ୍ରବାର ଅପରାହ୍ନରେ ବଡ଼ଚଣା ବ୍ଲକ ସଂଗ୍ରେସ ତରଫରୁ ଚଣ୍ଡିଖୋଲ ଛକଠାରେ ଏକ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏହି ଅବସରରେ ଭାଜପା ବିଧାୟକ ବିଷ୍ଣୁଚରଣ ସେଠୀଙ୍କ କୁଶପୁତ୍ତଳିକା ଦାହ କରାଯାଇଛି। ବଡ଼ଚଣା କଂଗ୍ରେସ ନେତା ଅଜୟ କୁମାର ସାମଲଙ୍କ ନେତୃତ୍ୱରେ ପ୍ରତିବାଦ ସଭା ଅନୁଷ୍ଠିତ ହୋଇଥିଲା। ଏଥିରେ ଭାସ୍କର ପ୍ରଧାନ, ସେକ ରିଆସତ ଅଲ୍ଲି, ସୁଲତାନ ସୈଫୁଲା ଖାଁ, ସେକ ଅବଦୁଲ ମୋକିମ, ଖଗେଶ୍ୱର ବେହେରା, ଚାନ୍ଦ ଖାଁ, ବିଶ୍ୱପ୍ରକାଶ ସାମଲ, ସଞ୍ଜୟ କୁମାର କର, ସମସାଦ ବେଗମ, ଅମିନା ବିବି, ରବିନ୍ଦ୍ର ବଳ, ସେକ ସଲାଉଦ୍ଦିନ, ଉପେନ୍ଦ୍ର ବ୍ରହ୍ମ, ଧର୍ମାନନ୍ଦ ବଳ, ବିଶ୍ୱରଞ୍ଜନ ବେହେରା ପ୍ରମୁଖ ବହୁ କଂଗ୍ରେସ କର୍ମୀ ସାମିଲ ହୋଇଥିଲେ।

ନବ ନିର୍ମାଣ କୃଷକ ସଂଗଠନର କାର୍ଯ୍ୟକାରୀଣୀ ବୈଠକ

## କ୍ରାନ୍ତି ଦିବସରେ ଭୁବନେଶ୍ୱରରେ ହେବ ଯୁବଛାତ୍ର ସମାବେଶ

ଚଣ୍ଡିଖୋଲ,୨।୮(ଡି.ଏନ୍.ଏ)

ନବ ନିର୍ମାଣ କୃଷକ ସଂଗଠନ ତରଫରୁ ଶୁକ୍ରବାର ବଡ଼ଚଣା ବ୍ଲକ ଅନ୍ତର୍ଗତ ତାଲୁଆ ବାଲିକୁଦାସ୍ଥିତ ସତ୍‌ସଙ୍ଗ ବିହାର ପରିସରରେ ଜିଲା କାର୍ଯ୍ୟକାରୀଣୀ ବୈଠକ ଅନୁଷ୍ଠିତ ହୋଇଯାଇଛି। ରାଜ୍ୟ ସହ ସଂଯୋଜକ ନିମାଇ ଚରଣ ରାୟଙ୍କ ଅଧ୍ୟକ୍ଷତାରେ ବୈଠକରେ ଅଗଷ୍ଟ ୯ କ୍ରାନ୍ତି ଦିବସରେ ଭୁବନେଶ୍ୱରରେ ଏକ ଯୁବ ଛାତ୍ର ସମାବେଶ ଅନୁଷ୍ଠିତ ହେବା ନେଇ ନିଷ୍ପତ୍ତି ପ୍ରକାଶ ପାଇଛି। ରାଷ୍ଟ୍ରୀୟ ସଂଯୋଜକ ଅକ୍ଷୟ କୁମାର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଯାଜପୁର ଜିଲାର ବିଭିନ୍ନ ଗ୍ରାମାଞ୍ଚଳରୁ ହଜାର ହଜାର ସଂଖ୍ୟାରେ ଯୁବକ ଓ ଛାତ୍ର ଯୋଗଦେଇ ସମାବେଶକୁ ସଫଳ କରିବା ପାଇଁ ଆହ୍ୱାନ ଦେଇଥିଲେ। ରାଜ୍ୟ ଓ କେନ୍ଦ୍ର ସରକାର ଦେଶରେ ଚାଷୀଙ୍କୁ ଶୋଷଣ କରୁଛନ୍ତି। ଚାଷୀ ତାର ସମସ୍ତ ହକ ପାଇବାରୁ ବଞ୍ଚିତ ହେଉଛି। ଦେଶରେ ଦୁର୍ନୀତି ଓ ଭ୍ରଷ୍ଟାଚାର ବୃଦ୍ଧପାଇଛି। ଶକ୍ଷିତ ଯୁବତୀଯୁବକଙ୍କୁ ନିଯୁକ୍ତି ମିଳୁନାହିଁ। ଏହାର ପ୍ରତିବାଦରେ ଏହି ସମାବେଶ ଅନୁଷ୍ଠିତ ହେବ ବୋଲି ସେ କହିଥିଲେ। ଯାଜପୁର ଜିଲା ସଂଯୋଜକ ଦୁର୍ଗା ପ୍ରସାଦ ଦାସ ପ୍ରାରମ୍ଭିକ ସୂଚନା ପ୍ରଦାନ କରିଥିଲା ସହ ସଂଯୋଜକ ଅଶୋକ ଶାନ୍ତି ସଂଗଠନ ସମ୍ପର୍କରେ ତଥ୍ୟ ଉପସ୍ଥାପନ କରିଥିଲେ। ବସନ୍ତ ନାୟକ, ସୁବାଷ ଚନ୍ଦ୍ର ଖଣ୍ଡାୟୀ, ଶିଶୀର ସାମଲ, ପ୍ରତାପ ଜେନା, ଭୁବନାନନ୍ଦ ସାମଲ, ମୁକୁନ୍ଦ ମହାନ୍ତି, ପ୍ରତାପ ନାୟକ, ଗଗନ ସାମଲ, ତ୍ରିଲୋଚନ ସାମଲ ଓ ନଗେସ ଜେନା ପ୍ରମୁଖ ଯୋଗଦେଇ ମତବ୍ୟକ୍ତ କରିଥିଲେ।

ରାଶନକାର୍ଡରେ ଆଧାର ସଂଯୋଗ ବାଧ୍ୟତାମୂଳକ

## ବାଦ୍ ପଡିପାରନ୍ତି ବହୁ ହିତାଧିକାରୀ

ଧର୍ମଶାଳା,୨।୮(ଡି.ଏନ୍.ଏ.)

କେନ୍ଦ୍ର ସରକାରଙ୍କ ଜାତୀୟ ସୁରକ୍ଷା ଯୋଜନା ଓ ରାଜ୍ୟ ସରକାରଙ୍କ ଖାଦ୍ୟ ସୁରକ୍ଷା ଯୋଜନାରେ ରାଶନ କାର୍ଡରେ ଆଧାର ସଂଯୋଗ ବାଧ୍ୟତା ମୂଳକ କରାଯିବା ପାଇଁ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ଏହି ନିର୍ଦ୍ଦେଶ ଅନୁସାରେ ଯେଉଁ ହିତାଧିକାରୀଙ୍କ ନାମ ରାଶନକାର୍ଡ ସହିତ ଆଧାରରେ ସଂଯୋଗ ହୋଇ ନ ଥିବ ସେମାନଙ୍କର ନାମ ରାଶନ କାର୍ଡରୁ କାଟି ଦିଆଯିବ। ସେହିପରି ଦୁଇ ବା ଅଧିକ ସ୍ଥାନରେ ନାମ ରଖି ରାଶନ କାର୍ଡରେ ଅନ୍ତର୍ଭୁକ୍ତ ହୋଇଥିବା ହିତାଧିକାରୀଙ୍କ ନାମ ମଧ୍ୟ ଏଥିରୁ ବାଦ୍ ଦିଆଯିବ ବୋଲି ଜଣାପଡିଛି । ଧର୍ମଶାଳା ବ୍ଲକର ୪୫ଟି ପଞ୍ଚାୟତରେ ଥିବା ୪୧ ହଜାର ୩୯ ପରିବାରର ୧ଲକ୍ଷ ୭୫ ହଜାର ୩୬୧ଜଣ ହିତାଧିକାରୀଙ୍କୁ ରାଶନ ସାମଗ୍ରୀ ଦିଆଯାଉଅଛି। ସେମାନଙ୍କ ମଧ୍ୟରୁ ୪୦ ହଜାର ରାଶନ କାର୍ଡ ହିତାଧିକାରୀଙ୍କ ନାମ ଆଧାରରେ ସଂଯୋଗ ହୋଇ ନାହିଁ। ଏବେ ତୁରନ୍ତ ହିତାଧିକାରୀଙ୍କୁ ଆଧାର ସଂଯୋଗ କରିବା ପାଇଁ ବ୍ଲକର ୯୫ ଜଣ ଡିଲରଙ୍କୁ ଯୋଗାଣ ବିଭାଗ ପକ୍ଷରୁ ନିର୍ଦ୍ଦେଶ ଦିଆଯାଇଛି। ରାଶନ କାର୍ଡରେ ନାମ ଥାଇ ଯେଉଁମାନେ ଆଧାରରେ ନାମ ପଞ୍ଜୀକୃତ କରିପାରି ନାହାଁନ୍ତି ସେମାନଙ୍କୁ ଏଥିରୁ ବାଦ ଦିଆଯିବ ବୋଲି ପ୍ରଶାସନ ପକ୍ଷରୁ କଡା ନିର୍ଦ୍ଦେଶ ଜାରୀ କରାଯାଇଛି। ପୂର୍ବରୁ ଜନସେବା କେନ୍ଦ୍ରରେ ଆଧାର କାର୍ଡ କରିବାରେ ସହାୟତା କରୁଥିବା ବେଳେ ୫ରୁ ୬ ମାସ ହେବ ସେମାନେ ଆଉ ଆଧାରକାର୍ଡ ବା ସଂଶୋଧନ କରୁ ନାହାଁନ୍ତି। ଫଳରେ ଆଧାର କାର୍ଡରୁ ବଞ୍ଚିତ ରାଶନ କାର୍ଡରେ ନାମ ଥିବା ହିତାଧିକାରୀ ସେମାନଙ୍କ ନାମ ଦରଜ ପାଇଁ ବିଭିନ୍ନ ସମସ୍ୟାର ସମ୍ମୁଖୀନ ହେଉଛନ୍ତି। ରାଶନ କାର୍ଡରେ ଆଧାର ସଂଯୋଗ କାର୍ଯ୍ୟ ଡିଲରମାନେ କରୁଥିବା ବେଳେ ୪୦ ହଜାର ଆଧାର ନମ୍ବର ନ ଥିବା ବ୍ୟକ୍ତିଙ୍କ ମଧ୍ୟରୁ ଅଧିକାଂଶ ହିତାଧିକାରୀ ରାଶନ ସାମଗ୍ରୀରୁ ବଞ୍ଚିତ ହେବାର ଆଶଙ୍କା କରାଯାଉଛି। ଧର୍ମଶାଳା ଯୋଗାଣ ଅଧିକାରୀ ଜଗମୋହନ ଦାସଙ୍କୁ ପଚାରିବାରୁ ଖାଉଟି ସାମଗ୍ରୀ ପାଉଥିବା ହିତାଧିକାରୀଙ୍କ ଆଧାର ସଂଯୋଗ ବାଧ୍ୟତା ମୁଳକ କରାଯାଉଛି। ପୂର୍ବରୁ ଆଧାର ନମ୍ବର ନ ଥିବା ୪୦ହଜାର ହିତାଧିକାରୀଙ୍କ ମଧ୍ୟରୁ କେତେ ଜଣ ଆଧାରରେ ପଞ୍ଜୀକୃତ ହୋଇଛନ୍ତି । ତାହା ଡିଲରଙ୍କ ଜରିଆରେ ତଦନ୍ତ ଚାଲିଛି।

## ପାଠାଗାରକୁ ପୁସ୍ତକ ଦାନ



ସାହିତ୍ୟିକ ବିରଜା ବଳ ଜିଲାପାଳଙ୍କୁ ପୁସ୍ତକ ପ୍ରଦାନ କରୁଛନ୍ତି।

ଯାଜପୁର ଅଫିସ,୨।୮

ଜିଲାପାଳଙ୍କ କାର୍ଯ୍ୟାଳୟରେ ଗୁରୁବାର ସାହିତ୍ୟିକ ବିରଜା ବଳ ଜିଲାପାଳ ରଞ୍ଜନ କୁମାର ଦାସଙ୍କୁ ୪୦ଖଣ୍ଡ ବିଭିନ୍ନ ପ୍ରକାରର ପୁସ୍ତକ ପ୍ରଦାନ କରିଛନ୍ତି। ଏହି ପୁସ୍ତକଗୁଡିକୁ ପ୍ରଥମ ପର୍ଯ୍ୟାୟରେ ବିଭିନ୍ନ ଆଦର୍ଶ ବିଦ୍ୟାଳୟକୁ ପ୍ରଦାନ କରାଯିବ ବୋଲି ଜିଲାପାଳ କହିବା ସହ ପୁସ୍ତକ ଦାନ ହିଁ ଜ୍ଞାନ ଦାନ ହୋଇଥାଏ ବୋଲି କହିଥିଲେ। କଳିଙ୍ଗନଗର ଅତିରିକ୍ତ ଜିଲାପାଳ ସନ୍ତୋଷ କୁମାର ମିଶ୍ର, ବ୍ୟାସନଗର ପୌର ପରିଷଦ ନିର୍ବାହୀ ଅଧିକାରୀ ସପନ କୁମାର ନନ୍ଦ, ସ୍ତମ୍ଭକାର ଓମ୍ ପ୍ରକାଶ ମିଶ୍ର ପ୍ରମୁଖ ଉପସ୍ଥିତ ଥିଲେ। ସେହିପରି ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀଙ୍କ ମାଧ୍ୟମରେ ସାହିତ୍ୟିକ ରାମଚନ୍ଦ୍ର ଦାଶ ଓ ଡକ୍ଟର ବାସୁଦେବ ମିଶ୍ର ମଧ୍ୟ ୧୬ଗୋଟି ପୁସ୍ତକ ପାଠାଗାର ପାଇଁ ପ୍ରଦାନ କରିଛନ୍ତି। ଅନୁରୂପ ଭାବେ ଅନ୍ୟ ସାହିତ୍ୟିକ, ବୁଦ୍ଧିଜିବୀ ବା ବ୍ୟକ୍ତି ବିଶେଷ ପୁସ୍ତକ ପ୍ରଦାନ ପାଇଁ ଜିଲାପାଳ ଅନୁରୋଧ କରିଛନ୍ତି।

# ୨୦ ନିର୍ବାହୀ ଅଧିକାରୀଙ୍କୁ କାରଣ ଦର୍ଶାଅ ନୋଟିସ

ଯାଜପୁର ଅଫିସ,୨।୮

ଯାଜପୁର ଜିଲାରେ ମୁଖ୍ୟମନ୍ତ୍ରୀଙ୍କ ୫-ଟି ମନ୍ତ୍ରକୁ ନେଇ ଦୁର୍ନୀତିଗ୍ରସ୍ତ ଅଧିକାରୀ ଓ କର୍ମଚାରୀଙ୍କ ମଧ୍ୟରେ ଛାନିଆ ପଶିଛି । ତେବେ ଏହି ମନ୍ତ୍ରକୁ ବାସ୍ତବରେ କାର୍ଯ୍ୟକାରୀ କରିବାକୁ ଜିଲା ପ୍ରଶାସନ ଗୁରୁତ୍ୱ ଦେଇଛି । ଜିଲାପାଳ ରଞ୍ଜନ କୁମାର ଦାସ ଏଥିପାଇଁ ପୂର୍ବରୁ ବିଭିନ୍ନ ଅଧିକାରୀ ଓ ବିଭାଗୀୟ ମୁଖ୍ୟଙ୍କୁ ୫-ଟି ମନ୍ତ୍ରର ମନ୍ତ୍ରଣା ଦେଇଥିବାବେଳେ ତାହାର କାର୍ଯ୍ୟକାରିତା ପାଇଁ କଠୋର ପଦକ୍ଷେପ ଅବଲମ୍ବନ କରିଛନ୍ତି। ଏହିକ୍ରମରେ ଗୁରୁବାର ପ୍ରଥମ ପର୍ଯ୍ୟାୟରେ ପଞ୍ଚାୟତିରାଜ ବିଭାଗର ୨୦ ଜଣ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀଙ୍କୁ ଜିଲାପାଳ ଡକାଇବା ସହ ବିନାନୁମତିରେ ଛୁଟିରେ ରହୁଥିବା, ବ୍ଲକ ବୈଠକରେ ଯୋଗଦେଉ ନ ଥିବା ଏବଂ କାର୍ଯ୍ୟରେ ଉଲ୍ଲେଖନୀୟ ଅଗ୍ରଗତି କରୁ ନ ଥିବା କାରଣରୁ ସେମାନଙ୍କୁ ତାଗିଦ୍ କରିବା ସହ କାରଣ ଦର୍ଶାଅ ନୋଟିସ ଜାରି କରିଛନ୍ତି। କୋରେଇ, ଯାଜପୁର, ବଡ଼ଚଣା ବିଡିଓମାନେ ବିଭିନ୍ନ ଆବାସ ଯୋଜନା ଓ ଅନ୍ୟାନ୍ୟ କାର୍ଯ୍ୟରେ ମନ୍ଥର ପ୍ରଦର୍ଶନ ପାଇଁ ଜିଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ସଂପୃକ୍ତ ନିର୍ବାହୀ ଅଧିକାରୀଙ୍କୁ ଜିଲାପାଳ ନିଜ କାର୍ଯ୍ୟାଳୟକୁ ଡକାଇ ଅଗଷ୍ଟ ୧୫ ତାରିଖ ସୁଦ୍ଧା କାର୍ଯ୍ୟରେ ସୁଧାର ଆଣିବା ଓ ସମ୍ପୂର୍ଣ୍ଣ ପ୍ରକ୍ରିୟାକୁ ସାରିବାକୁ ନିର୍ଦ୍ଦେଶ ଦେଇଥିଲେ। ଅପରପକ୍ଷରେ ନିଜ କାର୍ଯ୍ୟ ଶୈଳୀରେ ଉନ୍ନତି ନ ଆଣିଲେ ସମ୍ପୃକ୍ତ ନିର୍ବାହୀ ଅଧିକାରୀଙ୍କୁ ବାଧ୍ୟତାମୂଳକ ଅବସର, ସ୍ୱେଚ୍ଛାକୃତ ଅବସର ଇତ୍ୟାଦି ପାଇଁ ବ୍ୟବସ୍ଥା କରାଯିବ ବୋଲି ଜିଲାପାଳ ସ୍ପଷ୍ଟ କରିଦେଇଛନ୍ତି। ସଂପୃକ୍ତ ନିର୍ବାହୀ ଅଧିକାରୀମାନେ ୧୫ ଅଗଷ୍ଟ ସୁଦ୍ଧା କାର୍ଯ୍ୟରେ ସୁଧାର ଆଣିବେ ଓ ପରବର୍ତ୍ତୀ ସମୟରେ ସଠିକ ଭାବେ କାର୍ଯ୍ୟ ସମ୍ପାଦନ କରିବେ ବୋଲି ଲିଖିତ ଭାବେ ଜିଲାପାଳଙ୍କୁ ଦେଇଛନ୍ତି । ଏହି ପଞ୍ଚାୟତ ନିର୍ବାହୀ ଅଧିକାରୀମାନେ ହେଲେ କୋରେଇ ବ୍ଲକର ମଦନ ମୋହନ ପ୍ରଧାନ, ହୃଷୀକେଶ ସିଂ, ସଂଯୁକ୍ତା ସାହୁ, ନାରାୟଣ ଚନ୍ଦ୍ର ବେହେରା, ସୀତାରାଣୀ ସୋରେନ, ଦୀନବନ୍ଧୁ ଓଝା, ଯାଜପୁର ବ୍ଲକର ଲୋପାମୁଦ୍ରା ପଣ୍ଡା, ମୀରା ଧଳ, ଲକ୍ଷ୍ମୀଧର ଦାଶ, ରବିନାରାୟଣ ସାମଲ, ଅଶୋକ କୁମାର ସାହୁ (ଜିଆର୍‌ଏସ୍), ବଡ଼ଚଣା ବ୍ଲକର ଦେବେନ୍ଦ୍ର ପୁହାଣ, ସିଦ୍ଧି ମୁଣ୍ଡରୀ, ଦଶରଥପୁର ବ୍ଲକର ଚୈତନ୍ୟ ହାଂସଦା ଓ ବିଞ୍ଝାରପୁର ବ୍ଲକର ଆରସି ଲୋକମାନ ଖାଁଙ୍କୁ କାରଣ ଦର୍ଶାଅ ନୋଟିସ୍ ଜାରି କରାଯାଇଛି । ଏହାବ୍ୟତୀତ କୋରେଇ ବ୍ଲକର ଜଗନ୍ନାଥ ମାଝୀ, ଲାଖା ପୁର୍ତ୍ତୀ, ଯାଜପୁର ବ୍ଲକର କୀର୍ତ୍ତନ ମଲ୍ଲିକ ଏବଂ ସୁବାଷ ସାମଲ, ବଡ଼ଚଣା ବ୍ଲକର ଅମୀୟ ମଲ୍ଲଙ୍କୁ ଜିଲା କାର୍ଯ୍ୟାଳୟକୁ ଡକାଯାଇଥିଲେ ମଧ୍ୟ ସେମାନେ ଅନୁପସ୍ଥିତ ରହିଥିବାରୁ ପୁନର୍ବାର ଶନିବାର ସେମାନଙ୍କୁ ଜିଲାପାଳଙ୍କ ନିକଟରେ ହାଜିର ହେବାପାଇଁ ନୋଟିସ କରାଯାଇଛି । ସେମାନେ ଯଦି ଶନିବାର ଅନୁପସ୍ଥିତ ରୁହନ୍ତି ତେବେ ସେମାନଙ୍କ ପ୍ରତି ଦୃଢ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ଜିଲାପାଳ ସତର୍କ କରାଇ ଦେଇଛନ୍ତି। ଅବଶିଷ୍ଟ ବ୍ଲକର ବିଡିଓମାନେ ଯେଉଁ ପଞ୍ଚାୟତ ନିର୍ବାହୀ ଅଧିକାରୀମାନଙ୍କ ବିରୋଧରେ ରିପୋର୍ଟ ପ୍ରଦାନ କରିଛନ୍ତି ଅନୁରୂପ ଭାବେ ଶନିବାର ସେମାନେ ମଧ୍ୟ ଜିଲାପାଳଙ୍କ ନିକଟରେ ଉପସ୍ଥିତ ରହିବାକୁ ନିର୍ଦ୍ଦେଶ ଦିଆଯାଇଛି।

## ଦେଶୀ ମଦ, ବାଇକ୍ ଜବତ ଅଭିଯୁକ୍ତ କୋର୍ଟ ଚାଲାଣ

କଳିଙ୍ଗନଗର, ୨।୮(ଡି.ଏନ୍.ଏ.)

ଟମକା ଥାନା ପୋଲିସ ଶୁକ୍ରବାର ଉପର ଟମକା ନିକଟରେ ଚଢାଉ କର ଜଣେ ମଦ ବ୍ୟବସାୟୀଙ୍କୁ ଗିରଫ କରିବା ସହ ମଦ ବାଇକ୍ ଜବତ କରିଛି। ଅଭିଯୁକ୍ତ ଜଣଙ୍କ କେନ୍ଦୁଝର ଜିଲା ରାମଚନ୍ଦ୍ରପୁର ସାପୁଆ ସାହି ମଙ୍ଗୁଳି ମୁଣ୍ଡା (୨୫)। ଏ ନେଇ ପୋଲିସ ଏକ ମାମଲା (୫୮/୧୯)ରୁଜୁକରି ତାଙ୍କୁ କୋର୍ଟ ଚାଲାଣ କରିଛି। ପ୍ରକାଶ ଯେ, ମଙ୍ଗଲି ବାଇକ୍‌ରେ ମଦ ନେଇ ଯାଉଥିବା କୌଣସି ସୂତ୍ରରୁ ପୋଲିସ ଖବର ପାଇ ଚଢାଉ କରିଥିଲା। ଏହି ଚଢାଉରେ ମଙ୍ଗୁଳିଙ୍କ ଠାରୁ ୪୫ ଲିଟର ମଦ ସହିତ ଏକ ବାଜାଜ ବକ୍ସର ଜବତ କରିଥିଲା।

ଧରିତ୍ରୀ
DHARITRI
ଭୁବନେଶ୍ୱର, ଶନିବାର, ୩ ଅଗଷ୍ଟ,୨୦୧୯



## ସଂକ୍ଷେପରେ

### ବହିବସ୍ତାନି ବୋଝ କମାଇବାକୁ ସଚେତନତା ଜରୁରୀ



**ମହାକାଳପଡା, ୨।୮ (ଡି.ଏନ.ଏ.):** ବିଦ୍ୟାଳୟଗୁଡିକର ବହିବସ୍ତାନି ବୋଝ ଯୋଗୁ ପିଲାମାନେ ମେରୁଦଣ୍ଡଜନୀତ ରୋଗରେ ପୀଡିତ ହେଉଛନ୍ତି। ଏହି ବହିବସ୍ତାନି ବୋଝ କମାଇବାକୁ ଉଚ୍ଚତମ ନ୍ୟାୟଳୟ ୨୦୧୭ ସେପ୍ଟେମ୍ବରେ ନିର୍ଦ୍ଦେଶ ଦେଇଥିଲେ । ଏବେ ଉଭୟ କେନ୍ଦ୍ର ଓ ରାଜ୍ୟ ସରକାର ଏହା ଉପରେ ରୋକେ ଲଗାଇବାକୁ ନିଷ୍ପତ୍ତି ନେଇଛନ୍ତି। ସରକାରଙ୍କ ଏହି ନିର୍ଦ୍ଦେଶକୁ କେନ୍ଦ୍ରାପଡା ଜିଲାର ମହାକାଳପଡା ବ୍ଲକ ପକ୍ଷରୁ ସ୍ୱାଗତ କରାଯାଇଛି। ଏନେଇ ସଚେତନତା ଜରୁରୀ ବୋଲି ପରିବେଶବିତ୍ ସମରେନ୍ଦ୍ର ମାହାଳୀ, ସାମାଜିକ କର୍ମୀ ସୁବାସ ସ୍ୱାଇଁ, ଲକ୍ଷ୍ମୀଧର ସ୍ୱାଇଁ ମତବ୍ୟକ୍ତ କରିଛନ୍ତି। ବ୍ଲକରେ ୨୯୮ ସରକାରୀ ବିଦ୍ୟାଳୟ , ୪୫ ଉଚ୍ଚ ହାଇସ୍କୁଲ ଓ ୩୫ ବେସରକାରୀ ବିଦ୍ୟାଳୟ ଥିବାବେଳେ ସବୁଠି ସଚେତନତା ଆବଶ୍ୟକ ବୋଲି ଜଣେ ଶିକ୍ଷା ବିଭାଗ ଅଧିକାରୀ କହିଛନ୍ତି। ଏ ସମ୍ପର୍କରେ କେନ୍ଦ୍ରାପଡା ଜିଲାପାଳ ସମର୍ଥ ବର୍ମା କହିଛନ୍ତି ସରକାରୀ ନିର୍ଦ୍ଦେଶନାକା ଅନୁସାରେ ସ୍କ୍ୱାଡ ଗଠନ କରାଯାଇ ବିଭିନ୍ନ ଶିକ୍ଷାନୁଷ୍ଠାନମାନଙ୍କରେ ଯାଞ୍ଚ କରାଯିବ। ପ୍ରମାଣ ମିଳିଲେ ନିୟମାନୁସାରେ କଡା କାର୍ଯ୍ୟାନୁଷ୍ଠାନ ହେବ ବୋଲି ସେ କହିଛନ୍ତି।

### ଅବସରକାଳୀନ ସମ୍ବର୍ଦ୍ଧନା ସଭା

**କେନ୍ଦ୍ରାପଡ଼ା ଅଫିସ,୨।୮:** କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଇନ୍ଦୁପୁରସ୍ଥିତ ବିରୂପା ମହାବିଦ୍ୟାଳୟର ସମାଜବିଜ୍ଞାନ ବିଭାଗ ପ୍ରାଧାପିକା ସୁଜାତା ସାମଲ ଇତିମଧ୍ୟରେ ଅବସର ନେଇଛନ୍ତି। ଏହି ଉପଲକ୍ଷେ ମହାବିଦ୍ୟାଳୟ ପରିସରରେ ଅଧକ୍ଷ ଅଭିଜିତ ବୋଷଙ୍କ ଅଧକ୍ଷତାରେ ଏକ ସମ୍ବର୍ଦ୍ଧନା ସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ କର୍ମଚାରୀ ସଂସଦ ସଭାନେତ୍ରୀ ପ୍ରାଧାପିକା ସଙ୍ଘମିତ୍ରା ପ୍ରଧାନ, ସମ୍ପାଦକ ପ୍ରାଧାପକ ଅଶୋକ କୁମାର ନାୟକ ପ୍ରମୁଖ ଯୋଗଦେଇ ବିଦାୟୀ ସାମଲଙ୍କ ବହୁମୁଖୀ ପ୍ରତିଭା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରାଧାପକ ବିଷ୍ଣୁ ମିଶ୍ର, ଗୋପାଳ କୃଷ୍ଣ ମହାପାତ୍ର, ପ୍ରେମାନନ୍ଦ ପ୍ରଧାନ, ଗାୟତ୍ରୀ ଜେନା, ଅଜୟ କୁମାର ଦାସ, ଓ ପ୍ରଭାସ ଚନ୍ଦ୍ର ଜେନା ପ୍ରମୁଖ ଏଥିରେ ଯୋଗଦେଇଥିଲେ। ଶେଷରେ ଡ. ସଂଗ୍ରାମ କେଶରୀ ରାଉତ ଧନ୍ୟବାଦ ଅର୍ପଣ କରିଥିଲେ।

# ମରୁଡ଼ି କବଳରେ କେନ୍ଦ୍ରାପଡ଼ାର ଖରିଫ ଚାଷ

- ସ୍ୱାଭାବିକ ବର୍ଷାଠାରୁ ୧୧୮ ମିଲି ମିଟର କମ୍
- କେନାଲ ତଳମୁଣ୍ଡରେ ପହଞ୍ଚୁ ପାରୁନି ପାଣି

**କେନ୍ଦ୍ରାପଡା ଅଫିସ, ୨।୮**

ଗତ ଫେବୃୟାରୀଠାରୁ କେନ୍ଦ୍ରାପଡ଼ା ଜିଲାରେ ସ୍ୱାଭାବିକ ବର୍ଷା ହୋଇନାହିଁ। ମୌସୁମୀ ପ୍ରବେଶକୁ ଇତିମଧ୍ୟରେ ଦେଢ଼ ମାସ ବିତିଯାଇଥିଲେ ମଧ ବର୍ଷା ଅଭାବରୁ ଚଳିତ ବର୍ଷ ଖରିଫ ଚାଷ ପ୍ରଭାବିତ ହେବାର ଆଶଙ୍କା ରହିଛି । ଗତ ଫେବୃୟାରୀରୁ ଅଦ୍ୟାବଧି ସ୍ୱାଭାବିକ ବର୍ଷା ପରିମାଣ ଠାରୁ ୧୧୮ ମିଲି ମିଟର କମ୍ ବର୍ଷା ହୋଇଛି । ଅପରପକ୍ଷରେ କେନାଲକୁ ଭରଷା କରିଥିବା ଚାଷୀ ପାଣି ନ ପାଇ ଜମି ବେଉଷଣ କରି ହାତବାନ୍ଧି ବସିଛନ୍ତି । ଏନେଇ ଜିଲାର ଖରିଫ ଚାଷ ମରୁଡ଼ି କବଳରେ ବୋଲି ଚାଷୀ ମତ ଦେଉଛନ୍ତି। କୃଷି ବିଭାଗ ତଥ୍ୟ ଅନୁଯାୟୀ, ଜିଲାର ସମୁଦାୟ ୬୫,୦୩୨ ହେକ୍ଟର ଜମିରେ ଜଳସେଚନ ହୋଇଥାଏ। ସେଥିରୁ ୪୫,୯୧୪ ହେକ୍ଟର ଜମିରେ କେନାଲ ମାଧ୍ୟମରେ ଜଳସେଚନ ହୋଇଥାଏ । ମହାନଦୀ ନର୍ଥ ଡିଭିଜନ ଅନ୍ତର୍ଗତ ଡେରାବିଶ ବ୍ଲକର ୨୯୬୧ ହେକ୍ଟର, ମାର୍ଶାଘାଇର ୧୦୫୫ ହେକ୍ଟର ଓ ଗରଦପୁର ବ୍ଲକର ୧୦୪୯ ହେକ୍ଟର ଜମି କେନାଲ ମାଧ୍ୟମରେ ଜଳସେଚିତ ହୋଇଥାଏ । ସେହିପରି କେନ୍ଦ୍ରାପଡ଼ା ଡିଭିଜନ ଅନ୍ତର୍ଗତ କେନ୍ଦ୍ରାପଡ଼ାର ୧୬,୩୫୭ ହେକ୍ଟର, ଡେରାବିଶର ୭୮୪୦ ହେକ୍ଟର, ମାର୍ଶାଘାଇର ୩୪୦୯ ହେକ୍ଟର, ମହାକାଳପଡାର ୩୦୦୭ ହେକ୍ଟର ଓ ପଟ୍ଟାମୁଣ୍ଡାଇ ବ୍ଲକର ୧୧,୦୪୯ ହେକ୍ଟର ଜମିକୁ କେନାଲ ମାଧ୍ୟମରେ ପାଣି ଯୋଗାଣ ହୋଇଥାଏ । ଅପରପକ୍ଷରେ ଆଳି, ରାଜନଗର ଓ ରାଜକନିକା ବ୍ଲକ ଅଞ୍ଚଳର ଚାଷୀ ବର୍ଷା ଉପରେ ନିର୍ଭର କରିଥାନ୍ତି । ଜିଲା ଜରୁରୀକାଳିନ ବିଭାଗ ସୂଚନା ଅନୁଯାୟୀ, ସାଧାରଣତଃ ଫେବୃୟାରୀରେ ଏହି ଜିଲାରେ ୩୦ ମିଲିମିଟର ବର୍ଷା ହୋଇଥାଏ । ତେବେ ଚଳିତବ ବର୍ଷ ଫେବୃୟାରୀରେ ଏଠାରେ ଥରେ ହେଲେ ବର୍ଷା ହୋଇ ନଥିବା ବେଳେ ମାର୍ଚ୍ଚରେ ୩୫ ମିଲିମିଟର ବଦଳରେ ୩୩.୮ ମିଲିମିଟର ବର୍ଷା ହୋଇଥିଲା। ସେହିପରି ଅପ୍ରେଲରେ ୩୩.୯ ମିମି ବଦଳରେ ୨୪.୨୨ ମିମି, ମଇରେ ୯୪.୨ ମିମି ବଦଳରେ ୭୮.୨ମିମି, ଜୁନରେ ୨୦୮.୩ମିମି ବଦଳରେ ୧୨୭.୧୭ମିମି ଓ ଜୁଲାଇ ଶେଷ ସୁଦ୍ଧା ୩୧୭.୧ମିମି ବଦଳରେ ମାତ୍ର ୨୩୬.୭୦ ମିମି ବର୍ଷା ହୋଇଛି । ଲଗାତାର ବର୍ଷା କମ ହେବା ଫଳରେ ଚାଷ ଜମି ଏବେ ଫାଟି ଆଁ କରିଛି। ଏ ସମ୍ପର୍କରେ ବୁଦ୍ଧିଜୀବୀ ବାନାମ୍ବର ସାହୁ କୁହନ୍ତିଯେ, ଜିଲାରେ ଚାଷୀଙ୍କ ଜଳସେଚନ ପାଇଁ ୭ ନଦୀ, ୨୭ ଉପନଦୀ ଓ କେନାଲକୁ ଉପଯୋଗ କରିବା ଆବଶ୍ୟକ । ବ୍ରାହ୍ମଣୀ ଓ ମହାନଦୀ ସିଷ୍ଟମରେ ଥିବା ନଦୀଗୁଡିକରେ ଆନିକଟ କରାଯାଇ ମଧୁର ଜଳକୁ ଚାଷ କାର୍ଯ୍ୟରେ ବ୍ୟବହାର କରାଯାଇପାରିବ । ଏନେଇ ଜିଲାବାସୀ ବାରମ୍ବାର ଦାବି କରୁଥିଲେ ମଧ କୌଣସି ସୁଫଳତା ମିଳି ପାରୁନାହିଁ। ସେହିପରି ସାମାଜିକ କର୍ମୀ ପ୍ରତାପ ଚନ୍ଦ୍ର ପାତ୍ରୀ କୁହନ୍ତି, କେନ୍ଦ୍ରାପଡା ଜିଲାର ଆର୍ଥିକ ଭିତ୍ତିଭୂମି କୃଷି ଉପରେ ନିର୍ଭର କରୁଛି । ତେବେ ପ୍ରଶାସନ ପକ୍ଷରୁ ଜଳକର ଆଦାୟ ହେଉ ଥିଲେ ମଧ ଉପଯୁକ୍ତ ସମୟରେ କେନାଲରେ ପାଣି ଯୋଗାଣ ହେଉନାହିଁ । ଫଳରେ ଜଳ ଅଭାବରୁ ଚାଷଙ୍କୁ କ୍ଷତି ସହିବାକୁ ପଡୁଛି। ଏଥିସହ ସେ କହିଛନ୍ତିଯେ, ପ୍ରତିବର୍ଷ କେନାଲ ସଫା ଓ ପୁନରୁଦ୍ଧାର ନାମରେ ଘାସ ସଫା କରାଯାଉଛି। ଏଥିରେ ବହୁ କୋଟି ଟଙ୍କା ହଡ଼ପ ହେଉଥିବା ନେଇ ବାରମ୍ବାର ଅଭିଯୋଗ ହୋଇଥିଲେ ମଧ ପ୍ରଶାସନ ଏଥିପ୍ରତି ଦୃଷ୍ଟି ଦେଉନାହିଁ। କେନ୍ଦ୍ରାପଡା ବ୍ଲକ ଦେପୁରା ଗ୍ରାମର ଚାଷୀ ଜଗଦୀଶ ପତି କୁହନ୍ତି, କେନ୍ଦ୍ରାପଡା କେନାଲ, ଜମ୍ବୁ କେନାଲ ଓ ଗୋବରୀ କେନାଲ ଆଦିରେ ଦଳଭର୍ତ୍ତି ହୋଇ ରହିଛି। ଫଳରେ ପାଣି ତଳମୁଣ୍ଡରେ ପହଞ୍ଚି ପାରୁନାହିଁ । ଏହାଛଡା ସହରର ଅଳିଆ ଆବର୍ଜନାରେ କେନ୍ଦ୍ରାପଡା କେନାଲ ପୋତି ହୋଇଗଲାଣି । ଏହାକୁ ସଫା କରିବା ଆଳରେ ଜଳସମ୍ପଦ ବିଭାଗ କେନାଲରେ ପାଣି ଛାଡ଼ିବାକୁ ବିଳମ୍ବ କରୁଛି । ଫଳରେ ଚାଷ କ୍ଷତିଗ୍ରସ୍ତ ହେଉଛନ୍ତି। ଏ ସମ୍ପର୍କରେ ଜଳସମ୍ପଦ ବିଭାଗ ନିର୍ବାହୀ ଅଧିକାରୀ ପ୍ରବୋଧ କୁମାର ରାଉତ କହିଛନ୍ତି, କିଛି କେନାଲର ପୁନରୁଦ୍ଧାର କାର୍ଯ୍ୟ ଚାଲିଥିବାରୁ ପାଣି ଛଡା ଯାଇପାରି ନ ଥିଲା । ତେବେ ଗତ ଜୁଲାଇ ୧୫ ତାରିଖ ଠାରୁ କେନାଲ ମାଧ୍ୟମରେ ପାଣି ଛଡ଼ାଯାଇଛି।

## ବଦଳିବ ସ୍ୱାଧୀନତା ଦିବସ ପରେଡ ସ୍ଥାନ




ବୈଠକରେ ଯୋଗଦେଇଥିବା ପ୍ରଶାସନିକ ଅଧିକାରୀ ଓ ଅନ୍ୟମାନେ।

**କେନ୍ଦ୍ରାପଡା ଅଫିସ, ୨।୮**

ପ୍ରତିବର୍ଷ କେନ୍ଦ୍ରାପଡା ସ୍ୱୟଂଶାସିତ ମହାବିଦ୍ୟାଳୟ ଖେଳ ପଡ଼ିଆରେ ସ୍ୱାଧିନତା ଦିବସରେ ପରେଡ ହୋଇଥାଏ। ତେବେ ଚଳିତ ବର୍ଷ ଏହି ଉତ୍ସବ ମହାବିଦ୍ୟାଳୟ ପରିସର ପରିବର୍ତ୍ତେ ଇଚ୍ଛାପୁରସ୍ଥିତ ରଥଦାଣ୍ଡ ଅବା ବିଜୁପଟ୍ଟନାୟକ ଷ୍ଟାଡିୟମରେ କରାଯିବ। ସ୍ୱାଧୀନତା ଦିବସ ପାଇଁ ଶୁକ୍ରବାର ଆୟୋଜିତ ଜିଲା ପ୍ରଶାସନର ପ୍ରସ୍ତୁତି ବୈଠକରେ ଏନେଇ ସ୍ଥିର କରାଯାଇଛି। ଜିଲାପାଳ ଓ ଏସ୍‌ପିଙ୍କ ଅନୁଧ୍ୟାନ ପରେ ଏସମ୍ପର୍କରେ ନିଷ୍ପତ୍ତି ନିଆଯିବ । ଜିଲାପାଳଙ୍କ କାର୍ଯ୍ୟାଳୟର ସଭାଗୃହରେ ଆୟୋଜିତ ଏହି ବୈଠକରେ ଜିଲାପାଳ ସମର୍ଥ ବର୍ମା ଅଧକ୍ଷତାରେ କରିଥିଲେ। ଏଥିରେ ଏଡିଏମ୍ ବସନ୍ତ କୁମାର ରାଉତ, ପିଡି ପ୍ରଦୀପ କୁମାର ପରିଡା, ଉପଜିଲାପାଳ ଜ୍ୟୋତିରଞ୍ଜନ ମହାପାତ୍ର, ଏଏସପି ଅରୁଣ କୁମାର ଜେନା ଏବଂ ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଚନ୍ଦ୍ରକାନ୍ତ ନାୟକ ପ୍ରମୁଖ ଯୋଗ ଦେଇଥିଲେ । ବୈଠକରେ ଆସନ୍ତା ସ୍ୱାଧୀନତା ଦିବସକୁ ଉତ୍ସାହ ଓ ଉଦ୍ଦିପନା ସହ ପାଳନ କରିବା ପାଇଁ ଆଲୋଚନା ହୋଇଥିଲା । ଆଲୋଚନା ଅନୁଯାୟୀ, ଅଗଷ୍ଟ ୧୫ରେ ଜିଲା ଲୋକ ସମ୍ପର୍କ ବିଭାଗ ପକ୍ଷରୁ ସକାଳ ୪ଟା୩୦ ମିନିଟରେ ସହରରେ ପ୍ରଭାତ ଫେରି ଅନୁଷ୍ଠିତ ହେବ। କେନ୍ଦ୍ରାପଡା ପୌରସଂସ୍ଥା, ଜିଲା ଓ ବ୍ଲକ ଶିକ୍ଷାଧିକାରୀଙ୍କ ତତ୍ତ୍ୱାବଧାନରେ ଏହି କାର୍ଯ୍ୟକ୍ରମ କରାଯିବ । ସକାଳ ୭ଟା୩୦ ମିନିଟରେ ସରକାରୀ, ବେସରକାରୀ, ତଥା ଘରୋଇ କୋଠାବାଡିରେ ଜାତୀୟ ପତାକା ଉତ୍ତୋଳନ କରାଯିବ। ଚିହ୍ନଟ ସ୍ଥାନରେ ସକାଳ ୯ଟା୧୫ରେ ଜିଲାସ୍ତରର ପତାକା ଉତ୍ତୋଳନ ହେବ । ଏହି ଅବସରରେ ଅନୁଷ୍ଠିତ ସଭାରେ ସ୍ୱାଧୀନତା ସଂଗ୍ରାମୀମାନଙ୍କୁ ସମ୍ବର୍ଦ୍ଧନା ଦିଆଯିବ । ଏହାଛଡ଼ା ବିଭିନ୍ନ କ୍ଷେତ୍ର କୃତୀତ୍ୱ ଅର୍ଜନ କରିଥିବା ବ୍ୟକ୍ତି ବିଶେଷଙ୍କୁ ପୁରସ୍କୃତ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା । ଏହି ଅବସରରେ ପଡ଼ିଆ ମରାମତିଠାରୁ ଅତିଥିମାନଙ୍କ ବସିବା ପାଇଁ ସ୍ଥାନ ସୁବିଧା ନିମନ୍ତେ ପୂର୍ତ୍ତ ବିଭାଗ ନିର୍ବାହୀ ଯନ୍ତ୍ରୀଙ୍କୁ ଦାୟିତ୍ୱଦିଆଯାଇଥିଲା । ବୈଠକରେ ଜିଲାସ୍ତରୀୟ ଅଧିକାରୀ, ସ୍ୱାଧୀନତା ସଂଗ୍ରାମୀ, ବୁଦ୍ଧିଜୀବୀ ଓ ବରିଷ୍ଠ ନାଗରିକମାନେ ଯୋଗଦେଇଥିଲେ ।

### ମୁସଲିମ ମହିଳାଙ୍କ ବିରୋଧରେ ବିଧାୟକଙ୍କ ମନ୍ତବ୍ୟ ମାମଲା

## ନିଲମ୍ବନ ଦାବି କଲା ସଂଖ୍ୟାଲଘୁ ସମ୍ପ୍ରଦାୟ, ନଗର କଂଗ୍ରେସ



ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ସଂଖ୍ୟାଲଘୁ ସମ୍ପ୍ରଦାୟ ପକ୍ଷରୁ ବିକ୍ଷୋଭ କରାଯାଉଛି।

**କେନ୍ଦ୍ରାପଡା ଅଫିସ, ୨।୮**

ତିନି ତଲାକ୍ ପ୍ରସଙ୍ଗରେ ଭାଜପା ବିଧାୟକ ବିଷ୍ଣୁ ସେଠୀ ମହିଳାଙ୍କୁ ନେଇ ଦେଇଥିବା ମନ୍ତବ୍ୟକୁ କେନ୍ଦ୍ରପଡା ନଗର କଂଗ୍ରେସ ବିରୋଧ କରିଛି । ବିଧାୟକ ସେଠୀ ନିଜର ମନ୍ତବ୍ୟକୁ ଫେରାଇ ନେଉ ନ ଥିବାରୁ ତାଙ୍କର ନିଲମ୍ବନ ଦାବି କରାଯାଇଛି । ଦାବି ପୂରଣ ନ ହେଲେ କଂଗ୍ରେସ ପକ୍ଷରୁ ଆନ୍ଦୋଳନ ହେବ ବୋଲି ଉଲ୍ଲେଖ କରି ଶୁକ୍ରବାର ମୁଖ୍ୟମନ୍ତ୍ରୀଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଲିଖିତ ଦାବିପତ୍ର ପ୍ରଦାନ କରାଯାଇଛି । ଏସମ୍ପର୍କରେ କଂଗ୍ରେସର ବରିଷ୍ଠ ନେତା ଗଣେଶ୍ୱର ବେହେରା କହିଛନ୍ତିଯେ, ବିଧାୟକ ସେଠୀଙ୍କ ଏହି ଦାୟିତ୍ୱହୀନ ମନ୍ତବ୍ୟ ବହୁ ମହିଳାଙ୍କ ମନରେ ଆଘାତ ଦେଇଛି । ତାଙ୍କର ମନ୍ତବ୍ୟକୁ ସେ ଭୁଲ ମାଗି ଫେରାଇ ନେବା ଉଚିତ ହେବ । ଦାବିପତ୍ର ପ୍ରଦାନ ସମୟରେ ସମଜିବ ବିବି, ଜମିଲା ବିବି, ସମ୍ମା ବିବି, କରିସ୍ମା ଖାତୁନ, ମୀର ୟାସିର, ଆରଫତନରଜଦିନ ଖାନ ଓ ଅନିସା ବିବି ପ୍ରମୁଖ ସାମିଲ ହୋଇଥିଲେ। ସେହିପରି ସେଠୀଙ୍କ ମନ୍ତବ୍ୟକୁ ବିରୋଧକରି ସହରର ସଂଖ୍ୟାଲଘୁ ସମ୍ପ୍ରଦାୟର ଲୋକେ ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ ପ୍ରଦର୍ଶନ କରି ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ଲିଖିତ ଦାବିପତ୍ର ଉପଜିଲାପାଳ ଜ୍ୟୋତିଶଙ୍କର ମହାପାତ୍ରଙ୍କୁ ପ୍ରଦାନ କରିଥିଲେ। ଏହି ବିକ୍ଷୋଭରେ ମହମ୍ମଦ ଅମୀର, ସେକ୍ ନସିମୁଦ୍ଦିନ, ଅବଦୁଲ ମାଜିଦ, ସେକ୍ ସଲାଉଦ୍ଦିନ, ଅବରାର ଖାନ, ଅଖ୍ତାରୁଦ୍ଦିନ ଖାନ ଓ ସେକ୍ ନସିମ ପ୍ରମୁଖ ସାମିଲ ହୋଇଥିଲେ ।

### ନିଃଶୁଳ୍କ ଚିକିତ୍ସା ଶିବିର

**କେନ୍ଦ୍ରାପଡା ଅଫିସ, ୨।୮**

ସହରର ଦୁହୁରିଆଠାରେ ଅସ୍ଥି ରୋଗ ସମ୍ପର୍କୀୟ ଏକ ନିଃଶୁଳ୍କ ଚିକିତ୍ସା ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଏଥିରେ ୧୭୩ ଜଣ ରୋଗୀ ଚିକିତ୍ସା ପରାମର୍ଶ ନେବା ସହ ଫିଜିଓଥେରାପି କରାଇଥିଲେ । ଓଲଟପୁରସ୍ଥିତ ନିରତାର ଅସ୍ଥି ଶଲ୍ୟ ବିଶେଷଜ୍ଞ ଡା. ପ୍ରମୋଦ କୁମାର ପରିଡା, ଫିଜିଓଥେରାପିଷ୍ଟ ଡା. ସଞ୍ଜୀବ ବେହେରା ଓ ୨ ସହକର୍ମୀ ଏଥିରେ ଯୋଗ ଦେଇଥିଲେ । ଏହାକୁ ଡା. ସନ୍ଦୀପ ବେଉରା, ସୁଲେଖ ଚନ୍ଦ୍ର ବେଉରା ଓ କୁମାର ସିଦ୍ଧାର୍ଥ ପ୍ରମୁଖ ପରିଚାଳନା କରିଥିଲେ ।

### ଖେତରୁ ୫ ଗୋରୁ ମୃତଦେହ ଉଦ୍ଧାର

**ମହାକାଳପଡା,୨।୮(ଡି.ଏନ୍.ଏ.)**

ମହାକାଳପଡ଼ା ବ୍ଲକ ଦେଉଳପଡା ପଞ୍ଚାୟତ ଅନ୍ତର୍ଗତ ଓରତ ଗ୍ରାମର ଏକ ଖେତରୁ ଶୁକ୍ରବାର ୫ ଗୋରୁ ମୃତଦେହ ଉଦ୍ଧାର ହୋଇଛି। ସମସ୍ତ ଗୋରୁ ଉକ୍ତ ଗ୍ରାମର ବିଧୁ ମଳିକଙ୍କ ବୋଲି ଜଣାପଡିଛି। ବିଷାକ୍ତ ଧାନ ତଳି ଓ ପାଣି ପିଇ ଗୋରୁଙ୍କ ମୃତ୍ୟୁ ଘଟିଥିବା ଆଶଙ୍କା କରାଯାଉଛି। ମହାକାଳପଡ଼ା ବ୍ଲକ ପ୍ରାଣୀ ଚିକିତ୍ସକ ଚନ୍ଦନ ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଏହାର ତଦନ୍ତ କରିଛନ୍ତି।

## ନଦୀଘାଟରେ କାଉଡ଼ିଆଙ୍କ ଭିଡ଼



କାନ୍ଧରେ ପାଣି ଭାର ଧରି କାଉଡିଆମାନେ ଆଖଣ୍ଡଳମଣି ମନ୍ଦିର ଅଭିମୁଖେ ଯାଉଛନ୍ତି।

**ମାର୍ଶାଘାଇ,୨।୮(ଡି.ଏନ.ଏ.)**

ଶ୍ରାବଣ ମାସରେ ବିଭିନ୍ନ ଶୈବ ପୀଠରେ ମହାଦେବଙ୍କ ଜଳାଭିଷେକ କରି ପୁଣ୍ୟ ଅର୍ଜନ କରିବା ପାଇଁ ମାର୍ଶାଘାଇ ବାଲିକଷୋଟି ନିକଟସ୍ଥ ଲୁଣା ଓ ଚିତ୍ରୋତ୍ପଳା ନଦୀର ସଙ୍ଗମ ସ୍ଥଳର ନଦୀଘାଟରେ ଶ୍ରଦ୍ଧାଳୁମାନଙ୍କର ଭିଡ ଲାଗି ରହିଛି। ଶୁକ୍ରବାର ପୁରୁଷୋତ୍ତମପୁର ଗ୍ରାମର ଶତାଧିକ କାଉଡିଆ ଏହି ଘାଟରୁ କଳସୀରେ ଜଳ ନେଇ ଭଦ୍ରକ ଆରଡି ଆଖଣ୍ଡଳମଣି ମନ୍ଦିର ଅଭିମୁଖେ ବାହାରିଛନ୍ତି। ନଦୀଘାଟରେ କାଉଡିଆମାନେ ପ୍ରଥମେ ବୁଡ ପକାଇ ବାଲିରେ ଶିବଲିଙ୍ଗ ତିଆରି କରିଥିଲେ। ପରେ ସେହି ଶିବଲିଙ୍ଗ ପୂଜାର୍ଚ୍ଚନା କରି ଭୋଗ ଲାଗି କରିବା ପରେ ପୁଣିଥରେ ବୁଡ ପକାଇ କଳସୀରେ ପାଣି ଆଣି ସୁସଜ୍ଜିତ ବାହୁଙ୍ଗିରେ ଏହାକୁ କାନ୍ଧରେ ବୋହି ବୋଲବମ୍ ହରହର ବମ୍ ,ଭୋଲା ବାବା ପାର୍ କରେଗା ପ୍ରଭୃତି କହି ଗନ୍ତବ୍ୟ ସ୍ଥଳକୁ ବାହାରିଛନ୍ତି। ଆସନ୍ତା ସୋମବାର କାଉଡିଆମାନେ ଆଖଣ୍ଡଳମଣି ମନ୍ଦିରରେ ଜଳାଭିଷେକ କରିବେ। ପୁରୁଷୋତ୍ତମପୁର ଗ୍ରାମର ଅଶୋକ ରାଉତ, ହେମନ୍ତ ନାୟକ, ଦିଲୀପ ରାଉତ, ମଧୁସୂଦନ ସେଠୀ, କବିନ୍ଦ୍ର ରାଉତ, ଧୀରେନ୍ଦ୍ର ରାଉତ, ଅନୀଲ ସେଠୀ, ନରେଶ ରାଉତ, ଆଶିଷ ସାହୁ, ବାବୁଲି ରାଉତ, ସରୋଜ ନାୟକଙ୍କ ସମେତ ଅନ୍ୟ କାଉଡିଆମାନେ କାନ୍ଧରେ ଜଳ ଭାର ନେଇ ବାଲିକଷୋଟିରୁ ବାହାରି ଥିଲେ । ସେମାନେ ମାର୍ଶାଘାଇ ବଜାରର ଜୁଣଛକ, କଲେଜଛକ, ବ୍ୟାଙ୍କ ଛକ, ତହସିଲ ଛକ ପରିକ୍ରମା ପରେ ଆରଡିର ଶୈବପୀଠ ଅଭିମୁଖେ ଯାଇଥିଲେ। ସେହି ପରି କଷୋଟି , ମଣିକୁଣ୍ଡା, ଜୁଣ,ମାର୍ଶାଘାଇ ପ୍ରଭୃତି ଗ୍ରାମର ବହୁ କାଉଡିଆ ଏହି ଘାଟରୁ ଜଳ ନେବା ପାଇଁ ଭିଡ ଲଗାଇଥିଲେ।

## ରାସ୍ତାପାର୍ଶ୍ୱରୁ ଖସିଛି ଅତଡା: ବିପଦରେ ପଥଚାରୀ

**ଡେରାବିଶ ୨।୮(ସ୍ୱ.ପ୍ର.)**

ଡେରାବିଶ ବ୍ଲକ ଅଧୀନ ଇନ୍ଦାଳୋ, ହରିଅଙ୍କ ଓ ଯଅଁରା ବାରିମୂଳ ପଞ୍ଚାୟତ ଦେଇ ଯାଇଥିବା ହୁରାସାହି -ତରୋତ ଗ୍ରାମ୍ୟ ଉନ୍ନୟନ ରାସ୍ତା ପାର୍ଶ୍ୱରୁ ଅତଡା ଖସିଯାଇଥିବା ବେଳେ ଏହି ବାଟ ଦେଇ ଯାତାୟାତ ଏବେ ବିପଦପୂର୍ଣ୍ଣ ହୋଇଯାଇଛି। କେନ୍ଦ୍ରାପଡ଼ା ଗ୍ରାମ୍ୟ ଉନ୍ନୟନ ବିଭାଗ ଅଧୀନରେ ଥିବା ଏହି ରାସ୍ତା ବ୍ଲକ ଅଞ୍ଚଳର ମୁଖ୍ୟ ରାସ୍ତା ଅଟେ । ଲୁଣା-ଓ ଚିତ୍ରୋତ୍ପଳା ନଦୀର ଏହି ରାସ୍ତା ଉପରେ ସମ୍ପୂର୍ଣ୍ଣ ନିର୍ଭର କରିଥାନ୍ତି । ରାସ୍ତା ଦେଇ ଦୈନିକ ବହୁ ଯାନବାହାନ ଚଳାଚଳ କରୁଥିଲେ ମଧ ବିଭାଗୀୟ କର୍ତ୍ତୃପକ୍ଷ ଏଥିପ୍ରତି ଦୃଷ୍ଟି ଦେଉନାହାନ୍ତି। ତାଙ୍କ ଅବହେଳା କାରଣରୁ ରାସ୍ତାଟି ସମ୍ପୂର୍ଣ୍ଣ ବିପଦସଙ୍କୁଳ ହୋଇପଡ଼ିଛି ବୋଲି ସାଧାରଣରେ ଅଭିଯୋଗ ହୋଇଛି। ଏହି ରାସ୍ତା ଦେଇ କଟକରୁ ପାଟକୁରା ଅଞ୍ଚଳକୁ ଦୈନିକ ବହୁ ଯାତ୍ରୀବାହୀ ବସ୍ ଯାତାୟାତ କରିଥାଏ । ଏହି ରାସ୍ତା ଏବେ ଖାଲ ଖମାରେ ଭରି ଯାଇଛି ଏନେଇ ବିଭିନ୍ନ ଗଣମାଧମରେ ପ୍ରକାଶିତ ହେବା ପରେ ଗତ ୨ମାସ ତଳେ ବିଭାଗୀୟ କର୍ତ୍ତୃପକ୍ଷଙ୍କ ପକ୍ଷରୁ ଏହିରାସ୍ତା ମରାମତିକରାଯାଇଥିଲା । ମାତ୍ର ରାସ୍ତାର ପାଣିଓଳା ବଜାରଠାରେ ମାଟି ଅତଡ଼ା ଖସିବା ଯୋଗୁ ରାସ୍ତାର ପିଚୁ ଧ୍ୱସି ଯାଇଛି । ଫଳରେ ରାସ୍ତା ପାଶ୍ୱରେ ଏକ ବିରାଟ ଗାତ ସୃଷ୍ଟି ହୋଇ ବିପଦସଙ୍କୁଳ ହୋଇଯାଇଛି । ଏହି ରାସ୍ତାରେ ଯାତାୟତ କରୁଥିବା ବିଭିନ୍ନ ଯାନବାହାନ ଚାଳକଙ୍କ ପାଇଁ ଏନେଇ ସମସ୍ୟା ସୃଷ୍ଟି ହୋଇଛି । ତୁରନ୍ତ ଏହି ଖାଲକୁ ମରାମତି କରିବା ପାଇଁ ପୂର୍ବତନ ସରପଞ୍ଚ ସୁଖଦାନନ୍ଦ ପ୍ରଧାନ ଦାବି କରିଛନ୍ତି । ଏ ସମ୍ପର୍କରେ ବିଭାଗୀୟ ନିର୍ବାହୀ ଯନ୍ତ୍ରୀ ନଳିନୀକାନ୍ତ ସେନାପତିଙ୍କୁ ବାରମ୍ବାର ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ ତାହା ସମ୍ଭବପର ହୋଇ ନଥିଲା ।



## ଚିଙ୍ଗୁଡି ଘେରି ଭଙ୍ଗାଗଲା



ଚିଙ୍ଗୁଡିଘେରି ଭଙ୍ଗାଯାଉଛି।

**ରାଜନଗର, ୨।୮(ଡି.ଏନ.ଏ.)**

ରାଜନଗର ବନବିଭାଗ ପକ୍ଷରୁ ଶୁକ୍ରବାରଠାରୁ ଚିଙ୍ଗୁଡିଘେରି ଭଙ୍ଗାଯିବା ପ୍ରକ୍ରିୟା ଆରମ୍ଭ ହୋଇଛି। ପ୍ରଥମ ଦିନରେ ବରୁଣେଇ ମାଉଥ ନିକଟରେ ଗଢି ଉଠିଥିବା ୯ଟି ବେଆଇନ ଚିଙ୍ଗୁଡି ଘେରିକୁ ଭଙ୍ଗାଯାଇଛି। ବନବିଭାଗର ଅଧିକାରୀ, କର୍ମଚାରୀ, ପୋଲିସ ଓ ଶ୍ରମିକମାନେ ବୋଟେ ଯୋଗେ ସେଠାକୁ ଯାଇ ଘେରି ଭାଙ୍ଗିଛନ୍ତି। ଗତବର୍ଷ ସ୍ଥଳପଥରେ ଯାଇଥିବା ଏହି ଟିମ୍‌କୁ ଜୋରଦାର ବିରୋଧ କରାଯାଇଥିବା ବେଳେ ଏଥର ବିଭାଗୀୟ କର୍ମଚାରୀମାନେ ଜଳପଥରେ ଯାଇ ଘେରି ଭାଙ୍ଗିଥିଲେ। ଏସିଏଫ ପ୍ରଦୋଷ କୁମାର ପଟ୍ଟନାୟକଙ୍କ ନେତୃତ୍ୱରେ ଏସିଏଫ ଅମରେଶ ନାଥ ପ୍ରଧାନ, ଏସିଏଫ ଶ୍ରୀରାମପଦ ଅରବିନ୍ଦ ମିଶ୍ର, ବିଜୟ କୁମାର ପରିଡା, ମାଜିଷ୍ଟ୍ରେଟ ତଥା ତହସିଲଦାର ଦିବ୍ୟେନ୍ଦୁ ଶେଖର ଦାସଙ୍କ ସମେତ ବନକର୍ମଚାରୀ ଓ ୨ସେକ୍ସନ ଫୋର୍ସ ଏହି ଘେରିଭଙ୍ଗା କାର୍ଯ୍ୟରେ ନିୟୋଜିତ ଥିଲେ। ଘେରି ନିକଟକୁ ଜେସିବି ଯାଇପାରୁ ନ ଥିବାରୁ ୪୩ଜଣ ଶ୍ରମିକ ୧୨ ଏକର ବିଶିଷ୍ଟ ଏହି ୯ଟି ଘେରିକୁ ଭାଙ୍ଗିଛନ୍ତି। ଅନ୍ୟପକ୍ଷରେ ବନବିଭାଗ ବିନା ନୋଟିସରେ ବ୍ୟକ୍ତିଗତ ଜମିରେ ହୋଇଥିବା ଘେରିକୁ ଭାଙ୍ଗୁଥିବାରୁ ଚିଙ୍ଗୁଡି ଚାଷୀ ଓ ଶ୍ରମିକଙ୍କ ମଧରେ ତୀବ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି।

## କୃଷକ କଲ୍ୟାଣ ମଞ୍ଚର କୃଷି ବିଭାଗ କାର୍ଯ୍ୟାଳୟ ଘେରାଉ

**ଆଳି,୨।୮(ଡି.ଏନ୍.ଏ.)**

ଆଳି କୃଷକ କଲ୍ୟାଣ ମଞ୍ଚ ପକ୍ଷରୁ ବିଭିନ୍ନ ଦାବି ନେଇ ଶୁକ୍ରବାର ଆଳି ସହକାରୀ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟ ଘେରାଉ କରାଯାଇଥିଲା। ଏହି ଆଳି ଡାକବଙ୍ଗଳା ଛକ ନିକଟ କୃଷକ କଲ୍ୟାଣ ମଞ୍ଚ କାର୍ଯ୍ୟାଳୟ ନିକଟରୁ ଚାଷୀଙ୍କ ଏକ ଶୋଭାଯାତ୍ରା ବାହାରି ନୂଆବଜାର ଦେଇ କୃଷି ଅଧିକାରୀଙ୍କ କାର୍ଯ୍ୟାଳୟରେ ପହଞ୍ଚିଥିଲା। ସେଠାରେ ସେମାନଙ୍କ ଦାବିକୁ ତୁରନ୍ତ ପୂରଣ କରିବା ଲାଗି ବିକ୍ଷୋଭ ପ୍ରଦର୍ଶନ କରିବା ସହ କାର୍ଯ୍ୟାଳୟକୁ ଘେରାଉ କରିଥିଲେ। ଆଳି ଓ ରାଜକନିକା ବ୍ଲକର ବହୁ ଯୋଗ୍ୟ ହିତାଧିକାରୀ କାଳିଆ ଯୋଜନାରେ ସାମିଲ ହୋଇପାରିନାହାନ୍ତି ବୋଲି ସେମାନେ ଅଭିଯୋଗ କରିଥିଲେ। ଏଥିସହ ୨୦୧୭-୧୮ ଆର୍ଥିକ ବର୍ଷରେ କୃଷି ବିଭାଗର ଭୁଲ ତଥ୍ୟ ଯୋଗୁ ଶସ୍ୟ ବୀମା ପାଇବାରୁ ବହୁ ଚାଷୀ ବଞ୍ଚିତ ହୋଇଥିଲେ ବୋଲି ମଞ୍ଚ ପକ୍ଷରୁ ଅଭିଯୋଗ କରାଯାଇଥିଲା। ସରକାରଙ୍କ ତରଫରୁ ମିଳୁଥିବା ବିହନ ଓ କୃଷି ଉପକରଣ ଚାଷୀଙ୍କୁ ଯୋଗାଇ ଦିଆଯାଉ ନାହିଁ ବୋଲି ବିକ୍ଷୋଭ ବେଳେ କୁହାଯାଇଥିଲା। ବିଭିନ୍ନ ପଞ୍ଚାୟତରେ ଏବେ ଗଜା ମରୁଡି ହୋଇଥିବା ବେଳେ ଏନେଇ ତୁରନ୍ତ ପଦକ୍ଷେପ ନେବାକୁ ଦାବି ହୋଇଥିଲା। ଏହାପରେ ମଞ୍ଚ ପକ୍ଷରୁ ରାଜ୍ୟ ସରକାରଙ୍କ ଉଦ୍ଦେଶ୍ୟରେ ଆଳି ସହକାରୀ କୃଷି ଅଧିକାରୀ ସତ୍ୟପ୍ରକାସ ଦାସଙ୍କୁ ଏକ ଦାବିପତ୍ର ପ୍ରଦାନ କରାଯାଇଥିଲା। ଏହି ଘେରାଉ କାର୍ଯ୍ୟକ୍ରମରେ ଆଳି ପଞ୍ଚାୟତ ସମିତି ଅଧକ୍ଷା ଝରଣା ଦାଶ, କୃଷକ କଲ୍ୟାଣ ମଞ୍ଚର ସଭାପତି ଧନରଞ୍ଜନ ବୋଷ, ସାଧାରଣ ସମ୍ପାଦକ ଭଗବାନ ନାୟକ,ନବକିଶୋର ପରିଡା,ବାଟିପଡା ସମବାୟ ସମିତି ସଭାପତି ପ୍ରଫୁଲ୍ଲ ନାୟକ, ଦେସାହି ସଭାପତି ସରୋଜ ଜେନା,ମହୁ ସଭାପତି ବିରଞ୍ଚି ନାରାୟଣ ରାଉତ,ଦିବାକର ପଣ୍ଡା ଓ ସ୍ନେହଜିତ ପଲାଇ ପ୍ରମୁଖ ସାମିଲ ହୋଇଥିଲେ।




ଆଳି କୃଷି କଲ୍ୟାଣ ମଞ୍ଚ ପକ୍ଷରୁ କୃଷି ଅଧିକାରୀଙ୍କୁ ଦାବିପତ୍ର ପ୍ରଦାନ କରାଯାଉଛି।

## ସଂକ୍ଷେପରେ

### ଅଧ୍ୟାପକଙ୍କୁ ଅବସର ସମ୍ବର୍ଦ୍ଧନା

ତିର୍ତ୍ତୋଲ,୨।୮(ଡି.ଏନ.ଏ.): ତିର୍ତ୍ତୋଲସ୍ଥିତ ଆଦିକବି ସାରଳା ଦାସ ମହାବିଦ୍ୟାଳୟର ରାଜନୀତି ବିଜ୍ଞାନ ବିଭାଗ ଅଧ୍ୟାପକ ଅକ୍ଷୟ କୁମାର ମହାନ୍ତିଙ୍କୁ ଅବସରକାଳୀନ ସମ୍ବର୍ଦ୍ଧନା ପ୍ରଦାନ କରାଯାଇଛି। ଏହି ଉପଲକ୍ଷେ ଅନୁଷ୍ଠିତ ସମ୍ବର୍ଦ୍ଧନା ଉତ୍ସବରେ କଲେଜ ଅଧକ୍ଷ ଜ୍ଞାନଜ କୁମାର ସାମନ୍ତରାୟ ଅଧକ୍ଷତା କରିଥିଲେ। ତ୍ରିଲୋଚନ ଖଟୁଆ, ପତିତପାବନ ପାତ୍ର, ରଞ୍ଜନ କୁମାର ଦାସ, ଅରୁଣ କୁମାର ପଣ୍ଡା, ବିରଞ୍ଚି ନାରାୟଣ ମହାପାତ୍ର, ମୁଜାକିର ହୁସେନ ଖାନ, ଅଶୋକ କୁମାର ରାଉତ, ସୁମନ୍ତ କୁମାର ଭୋଇ, ରତ୍ନାବତୀ ମିଶ୍ର, ସଦାଶିବ ସାହୁ, ଦେବପ୍ରସାଦ ମହାପାତ୍ର, ନବୀନ କୁମାର ସାହୁ, ସତ୍ୟବାନ ତ୍ରିପାଠୀ, ସନ୍ଧ୍ୟାରାଣୀ ମହାପାତ୍ର, ଅଶୋକ ସାହୁ ପ୍ରମୁଖ ଅଧ୍ୟାପକ ମହାନ୍ତିଙ୍କ ବୃତ୍ତିଗତ ଜୀବନ, ସରଳ ସାବଲୀଳ ବ୍ୟକ୍ତିତ୍ୱ ଓ ଆଦର୍ଶ ଚିନ୍ତାଧାରା ସମ୍ପର୍କରେ ଆଲୋଚନା କରିଥିଲେ। ପ୍ରବୀଣ କୁମାର ବେହେରା ଧନ୍ୟବାଦ ଦେଇଥିଲେ।

### ବରିଷ୍ଠ ନାଗରିକଙ୍କ ଜୟନ୍ତୀ

ବିରିଡ଼ି/ବାଲିଆ,୨।୮(ଡି.ଏନ୍.ଏ.): ବିରିଡି ବ୍ଲକ ଉତ୍ତରଶାସନ ପଞ୍ଚାୟତ ମଧଶାସନ ଗ୍ରାମର ବରିଷ୍ଠ ନାଗରିକ ତଥା ମହାବୀର ଲାଇବ୍ରେରୀର ଉପଦେଷ୍ଟା ଧନଞ୍ଜୟ ବ୍ରହ୍ମାଙ୍କ ୮୨ ତମ ଜୟନ୍ତୀ ପାଳିତ ହୋଇଛି। ମହାବୀର ଲାଇବ୍ରେରୀର ସଭାପତି ଅକ୍ଷୟ କୁମାର ବ୍ରହ୍ମାଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଶିକ୍ଷାଗୁରୁ ଉତ୍ତମ କୁମାର ଦାଶ ମୁଖ୍ୟ ଅତିଥି, ଦଳେଇଘାଇ ସ୍ଥିତ ଆଷାଢ଼ ସାହିତ୍ୟ ସଂସଦର ସଭାପତି ପିତାମ୍ବର ମହାପାତ୍ର ମୁଖ୍ୟବକ୍ତା, ଚନ୍ଦ୍ରମଣି ଦାଶ, ରାମଚନ୍ଦ୍ର ପଣ୍ଡା, ମକର ମୋହନ ସାହୁ, ପଣ୍ଡିତ ଗୁରୁ ପ୍ରସାଦ ରଥ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ବରିଷ୍ଠ ନାଗରିକ ଧନଞ୍ଜୟ ବ୍ରହ୍ମା ଓ ତାଙ୍କ ସ୍ତ୍ରୀଙ୍କୁ ପୁଷ୍ପମାଲ୍ୟ ଓ ଉତ୍ତରୀୟ ପ୍ରଦାନ ପୂର୍ବକ ଅଭିନନ୍ଦନ ଜ୍ଞାପନ କରାଯାଇଥିଲା। ଲାଇବ୍ରେରୀର ସମ୍ପାଦକ ଉମାକାନ୍ତ ରଥ ଧନ୍ୟବାଦ ଦେଇଥିଲେ।

### ଯୁବକଙ୍କ ଅକାଳ ବିୟୋଗ

ବାଲିକୁଦା,୨।୮(ସ୍ୱ.ପ୍ର.): ବାଲିକୁଦା ବ୍ଲକ ତିତିରା ଗ୍ରାମର ରାଜୀବ ବାରିକଙ୍କ ଏକମାତ୍ର ପୁତ୍ର ସୁକାନ୍ତ କୁମାର ବାରିକ (୩୨)ଙ୍କ ଅକାଳ ବିୟୋଗ ଘଟିଛି। ସେ ଭୁବନେଶ୍ୱରର ଏକ ଘରୋଇ କମ୍ପାନୀରେ କାର୍ଯ୍ୟ କରୁଥିବାବେଳେ ଗ୍ୟାସ ଦୁର୍ଘଟଣାରେ ଆହତ ହୋଇ କଟକ ବଡ଼ ଡାକ୍ତରଖାନାରେ ଚିକିତ୍ସିତ ହେଉଥିଲେ। ଶୁକ୍ରବାର ସେଠାରେ ତାଙ୍କର ମୃତ୍ୟୁ ଘଟିଛି। ଜଣେ ମେଳାପୀ ତଥା ପରୋପକାରୀ ଯୁବକ ଭାବେ ସେ ସମଗ୍ର ତିତିରା ଓ ବୋରିକିନା ଅଞ୍ଚଳରେ ପରିଚିତ ଥିଲେ। ତାଙ୍କ ବିୟୋଗରେ ପରିବାର ଲୋକେ ଭାଙ୍ଗି ପଡିଛନ୍ତି। ଗାଁ ଶ୍ମଶାନରେ ତାଙ୍କ ଶେଷକୃତ୍ୟ ସମ୍ପନ୍ନ ହୋଇଛି।

■ ଜିଲା ଖାଉଟି ବିବାଦ ପ୍ରତିକାର ମଞ୍ଚ

# ୩୦୦ ମାମଲା ଫଇସଲାରେ ବିଳମ୍ବ

■୩ ମାସ ପରିବର୍ତ୍ତେ ୫ ବର୍ଷ ପର୍ଯ୍ୟନ୍ତ ଚାଲିଛି ବିଚାର
■୧ ବର୍ଷ ହେବ ସଭାପତି ପଦ ଖାଲି
■ବସୁନି ଜିଲା ଖାଉଟି ସୁରକ୍ଷା ପରିଷଦ ବୈଠକ
■ଓକିଲଙ୍କ ସହାୟତା ଲୋଡୁଛନ୍ତି ଲୋକେ

ଜଗତ୍‌ସିଂହପୁର ଅଫିସ,୨।୮

କେନ୍ଦ୍ର ଓ ରାଜ୍ୟ ସରକାର ଖାଉଟିଙ୍କ ସୁରକ୍ଷାକୁ ଗୁରୁତ୍ୱ ଦେଉଥିବା କୁହାଯାଉଛି। ଖାଉଟି ଯେପରି ଠକାମି କିମ୍ବା ଶୋଷଣର ଶିକାର ନ ହୁଅନ୍ତି ସେଥିପାଇଁ ଜିଲା ଖାଉଟି ବିବାଦ ପ୍ରତିକାର ମଞ୍ଚ ଗଠନ କରାଯାଇଛି। ଜଗତ୍‌ସିଂହପୁର ଜିଲାରେ ୧୯୯୪ରୁ ଏହି ମଞ୍ଚ ଗଠିତ ହୋଇଛି। ତେବେ ଦୁଃଖର କଥା ହେଲା ୩ ମାସ ଭିତରେ ଏଥିରେ ଅଭିଯୋଗ ସମାଧାନ କରିବାକୁ ବ୍ୟବସ୍ଥା ଥିଲେ ସୁଦ୍ଧା ଗୋଟିଏ ଗୋଟିଏ ମାମଲା ୫ ବର୍ଷ ପର୍ଯ୍ୟନ୍ତ ପଡିରହୁଛି। ମଞ୍ଚ ସଭାପତି ପଦ ପ୍ରାୟ ୧ ବର୍ଷ ହେବ ଖାଲି ପଡିଥିବା ବେଳେ କାର୍ଯ୍ୟରତ ସଭ୍ୟଦ୍ୱୟ ଅନେକ ସମୟରେ ଅନୁପସ୍ଥିତ ରହୁଛନ୍ତି। ଏଥିଯୋଗୁ ବିବାଦ ଫଏସଲାରେ ବିଳମ୍ବ ହେବା ସହ ଜନ ଅସନ୍ତୋଷ ସୃଷ୍ଟି ହେଉଛି। ଅନ୍ୟପକ୍ଷରେ ଜିଲାସ୍ତରରେ ପଲିସି ନିର୍ଦ୍ଧାରଣ ପାଇଁ ଜିଲା ଖାଉଟି ସୁରକ୍ଷା ପରିଷଦ ଗଠନ କରାଯାଇଛି। ଜିଲାପାଳ ଏହାର ଅଧ୍ୟକ୍ଷ ଥିବାବେଳେ ଏମ୍‌ପି, ବିଧାୟକଙ୍କଠାରୁ ଆରମ୍ଭ କରି ବରିଷ୍ଠ ଅଧିକାରୀମାନେ ସଦସ୍ୟ ଅଛନ୍ତି। ପ୍ରତି ବର୍ଷ ପରିଷଦ ପକ୍ଷରୁ ୨ ଥର ବୈଠକ ଡକାଯାଇ ପ୍ରତିକାର ପାଇଁ ନିଷ୍ପତ୍ତି ନିଆଯିବା କଥା। କିନ୍ତୁ ଏହି ବୈଠକ ୨୦୧୮ରେ ଥରେ ବସିଥିବାବେଳେ ଚଳିତବର୍ଷ ଏଯାଏ ବସିନାହିଁ। ଲୋକେ ସାଧା କାଗଜରେ ସେମାନଙ୍କ ଅଭିଯୋଗ କରିବା ପାଇଁ ସୁବିଧା କରାଯାଇଛି। ହେଲେ ବିନା ଓକିଲରେ ମଞ୍ଚରେ କୌଣସି ମାମଲା ରୁଜୁ ହେଉନାହିଁ। ଏସବୁ ଦେଖିଲେ ଜଣାଯାଏ ସରକାର ଖାଉଟି ସୁରକ୍ଷା ନାଁରେ କେବଳ ଲୋକଙ୍କୁ ଭଣ୍ଡାଉଛନ୍ତି।

ନିୟମାନୁଯାୟୀ, ସାଧାରଣ ଅଭିଯୋଗଗୁଡିକ ୩ ମାସ କିମ୍ବା ୯୦ ଦିନ ମଧ୍ୟରେ ହେବା କଥା। ଯେଉଁଠି ପରୀକ୍ଷା ଆଦିର ଆବଶ୍ୟକତା ଥାଏ, ସେ କ୍ଷେତ୍ରରେ ୫ ମାସ ସମୟ ଦିଆଯାଇଛି। କିନ୍ତୁ ଜଗତ୍‌ସିଂହପୁର ଜିଲାରେ ଅଧିକାଂଶ ମାମଲାର ଫଏସଲା ନିର୍ଦ୍ଧାରିତ ସମୟ ମଧ୍ୟରେ ହେଉନାହିଁ। ସୂଚନା ଅନୁଯାୟୀ, ୧୯୯୪ରୁ ଗତ ଜୁଲାଇ ସୁଦ୍ଧା ଜିଲା ଖାଉଟି ବିବାଦ ପ୍ରତିକାର ମଞ୍ଚରେ ମୋଟ ୩,୮୬୦ ମାମଲା ରୁଜୁ ହୋଇଛି। ସେଥିମଧ୍ୟରୁ ୩,୫୬୭ ଫଏସଲା ହୋଇଥିବା ବେଳେ ଅବଶିଷ୍ଟ ୨୯୩ ପଡି ରହିଛି। ଏହି ୨୯୩ ମାମଲା ମଧ୍ୟରୁ ୨ ବର୍ଷରୁ ଅଧିକ ୭୧ଟି, ୧ରୁ ୨ ବର୍ଷ ମଧ୍ୟରେ ୬୭ଟି, ୬ ମାସରୁ ୧ ବର୍ଷ ମଧ୍ୟରେ ୯୭ଟି, ୯୦ ଦିନରୁ ୬ ମାସ ପର୍ଯ୍ୟନ୍ତ ୧୨ଟି ଓ ୯୦ ଦିନ ଭିତରେ ୪୬ଟି ମାମଲା ପଡିରହିଛି। ଫଏସଲା ହୋଇ ନ ଥିବା ମାମଲାଗୁଡିକ ମଧ୍ୟରୁ ଏକାଧିକ ୨୦୧୪ ମସିହାର। କୁହାଯାଉଛି ମଞ୍ଚ ସଭାପତି ପଦ ଖାଲି ପଡିଥିବାରୁ ବିବାଦ ଆଶାନୁରୂପ ସମାଧାନ ହୋଇପାରିନି। ଏ ସମ୍ପର୍କରେ ରାଜ୍ୟ ଖାଉଟି ସୁରକ୍ଷା ପରିଷଦ ପୂର୍ବତନ ସଦସ୍ୟ ଗୋବିନ୍ଦ ଓଝା କହିଛନ୍ତି, କେବଳ ସଭାପତି ପଦ ନୁହେଁ, ସଦସ୍ୟଦ୍ୱୟ ସପ୍ତାହର ସୋମ, ବୁଧ ଓ ଶୁକ୍ରବାର ଛାଡ଼ି ଅବଶିଷ୍ଟ ଦିନ ଅନୁପସ୍ଥିତ ରହୁଛନ୍ତି। ସେମାନଙ୍କ ଉପସ୍ଥାନ ତଦାରଖ ଦାୟିତ୍ୱ ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ତଥା ଜିଲା ଖାଉଟି ସୁରକ୍ଷା ଅଧିକାରୀ (ଡିସିପିଓ)ଙ୍କ ଉପରେ ନ୍ୟସ୍ତ କରାଯାଇଛି। କିନ୍ତୁ ଏଡିଏମ୍ ତାହା ଅନୁଧ୍ୟାନ କରୁନାହାନ୍ତି।

ସେହିପରି ଜିଲା ଖାଉଟି ସୁରକ୍ଷା ପରିଷଦ କେବଳ କାଗଜକଲମରେ ଚାଲିଛି। ପରିଷଦରେ ପାଖାପାଖି ୩୦ରୁ ଅଧିକ ସଦସ୍ୟ ଅଛନ୍ତି। ଗତବର୍ଷ ପରିଷଦ ପକ୍ଷରୁ ଥରେ ବୈଠକ ଡକାଯାଇଥିବା ବେଳେ ଏମ୍‌ପି, ବିଧାୟକମାନେ ଅନୁପସ୍ଥିତ ଥିଲେ। ଚଳିତବର୍ଷ ଆଦୌ ବୈଠକ ଡକାଯାଇନି। ଖାଉଟି ଠକାମିର ଶିକାର ହେଲେ ମଞ୍ଚରେ ଏକ ସାଦା କାଗଜରେ ଅଭିଯୋଗ କରିପାରିବେ। ଖାଉଟି ଯେପରି ଅର୍ଥ ଦଣ୍ଡରେ ନ ପଡ଼ନ୍ତି ସେଥିପାଇଁ ସରକାର ଏଭଳି ନିଷ୍ପତ୍ତି ନେଇଛନ୍ତି। କିନ୍ତୁ ଏଠାରେ କେହି ଅଭିଯୋଗ କରିବାକୁ ଆସିଲେ ଓକିଲଙ୍କ ସହାୟତା ନେବାକୁ ପଡୁଛି। ଏଥିପାଇଁ ସେମାନଙ୍କୁ ଖର୍ଚ୍ଚାନ୍ତ ହେବାକୁ ପଡୁଛି। ମଞ୍ଚ ପରିସରରେ କାଉନ୍‌ସେଲିଂ ସେଣ୍ଟର ରହିଛି। ଲୋକେ ମାଗଣାରେ ସହାୟତା ତଥା ପରାମର୍ଶ ପାଇବା କଥା। କିନ୍ତୁ କାହିଁକି ଖାଉଟି ମାଗଣା ସୁବିଧା ପାଉନାହାନ୍ତି ତାହାକୁ ନେଇ ନାନା କଥା ଶୁଣାଯାଏ। ଯେହେତୁ ମାମଲା ଫଏସଲାରେ ବିଳମ୍ବ ହେଉଛି, ତେଣୁ ଅଭିଯୋଗକାରୀ ବାରମ୍ବାର ଆସିବା ସମ୍ଭବ ହେଉ ନ ଥିବାରୁ ଓକିଲଙ୍କ ସହାୟତା ନେଉଥିବା କୁହାଯାଉଛି। ଏ ସମ୍ପର୍କରେ ଜଗତ୍‌ସିଂହପୁର ଅତିରିକ୍ତ ଜିଲାପାଳ ତଥା ଡିସିପିଓ ସଚ୍ଚିଦାନନ୍ଦ ସାହୁ କହିଛନ୍ତି ଯେ, ସଭାପତି ପଦ ପୂରଣରେ ବିଳମ୍ବ ହେଉଥିବାରୁ ଅସୁବିଧା ହେଉଛି। ସଦସ୍ୟଦ୍ୱୟ କିପରି ସପ୍ତାହରେ ୬ ଦିନ ଉପସ୍ଥିତ ରହିବେ ସେଥିପ୍ରତି ସେ ଦାୟିତ୍ୱବାନ ହେବେ।

## ଅନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ରର ତାଲିମ ଶିବିର



ତାଲିମ ଶିବିରରେ ଉପସ୍ଥିତ ଅତିଥି ଓ ଅଧିକାରୀମାନେ।

ବିରିଡି,୨।୮(ଡି.ଏନ.ଏ.)

ଅନ୍ତର୍ଜାତୀୟ ଧାନ ଗବେଷଣା କେନ୍ଦ୍ର ଫିଲିଫାଇନ୍ସ ଓ ଓଡ଼ିଶା ସରକାରଙ୍କ ସହାୟତାରେ ପଲ୍ଲି ବିକାଶ ସଂସ୍ଥା ନାଉଗାଁ ଜରିଆରେ ଚାଷୀଙ୍କୁ ଟ୍ରାଇକଟ ଯୋଜନାରେ ଧାନଚାଷ ସମ୍ପର୍କରେ ତାଲିମ ଦିଆଯାଇଛି। ଏହି ଯୋଜନାରେ ଚାଷୀମାନେ କିପରି ନିଜ ଖର୍ଚ୍ଚରେ ଅଧିକ ଅମଳକ୍ଷମ ଧାନଚାଷ କରି ଉତ୍ପାଦନ ବଢାଇପାରିବେ ସେ ସମ୍ପର୍କରେ ସୂଚନା ଦିଆଯାଇଥିଲା। ଡିଡିଏ ଜଗତ୍‌ସିଂହପୁର ରାମଚନ୍ଦ୍ର ନାୟକ, ଡିଏଓ ପ୍ରମୋଦ କୁମାର ମଲ୍ଲିକ, ଏଏଓ ପ୍ରଦୀପ କୁମାର ବେଉରା, ଏଏଓ ମାନସୀ ମଧୁଭାଷିନୀ ପଶାୟତ, ଅନ୍ତର୍ଜାତୀୟ ଧାନଗବେଷଣା କେନ୍ଦ୍ର ଜଗତ୍‌ସିଂହପୁର ସଂଯୋଜକ ଗିରିଜା ପ୍ରସାଦ ସ୍ୱାଇଁ, ପଲ୍ଲି ବିକାଶର ସମ୍ପାଦକ ବାବାଜି ଚରଣ ସ୍ୱାଇଁ, ଉମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗ ଦେଇଥିଲେ। ସଂସ୍ଥା ପକ୍ଷରୁ ବିରିଡ଼ି ବ୍ଲକର ହାଜିପୁର, ଶଙ୍ଖପୁର, ବାଗଲପୁର, ବାରଡିଆ, କୁଳକଇଜଙ୍ଗା, ମଙ୍ଗୁଳି, ବଡ଼ଖଣ୍ଡୟିତା ଓ ପୁରଣ ପଞ୍ଚାୟତର ୨୩ ଚାଷୀଙ୍କୁ ଏହି ଯୋଜନାରେ ସାମିଲ କରାଯାଇଛି। ଏଥିରେ ୧୦ ପ୍ରକାରର ବିହନ ରହିଛି। ପ୍ରତ୍ୟେକ ଚାଷୀ ତାଙ୍କ ନିଜ ଜମିରେ ଲଗାଲଗି ୩ଟି ପ୍ଲଟରେ ପଲ୍ଲି ବିକାଶ ଦେଇଥିବା ବିହନ ଓ ନିଜ ବିହନରେ ଧାନ ତଳି ରୋଇବେ। କେଉଁ ଧାନର ଉତ୍ପାଦନ ଅଧିକ ହେବ ଓ କେଉଁ ଧାନ ବନ୍ୟା, ବାତ୍ୟା ଓ ମରୁଡିକୁ ସହ୍ୟ କରିପାରୁଛି ତାହାର ତୁଳନା କରିବା ପାଇଁ ଏହି ପଦ୍ଧତି କରାଯାଇଥିବା ଡିଡିଏ ନାୟକ କହିଛନ୍ତି। ବର୍ତ୍ତମାନ ଏହା ପରୀକ୍ଷାମୂଳକ ଭାବେ କରାଯାଇଛି। ପ୍ରତ୍ୟେକ ଧାନ ୧୪୫ ଦିନରୁ ୧୫୫ ଦିନ ମଧ୍ୟରେ ହେବ। ଚାଷୀମାନେ ଉନ୍ନତ ଚାଷ କରିବା ପାଇଁ ବିହନ, ମାଟି, ସାର, ଖତ, ରୋଗପୋକ, ଜଳ, ଯନ୍ତ୍ରପାତି ଓ ବୈଷୟିକ ଜ୍ଞାନ ସମ୍ପର୍କରେ ଜାଣିବା ଆବଶ୍ୟକ ବୋଲି ସେ କହିଛନ୍ତି। ପଲ୍ଲି ବିକାଶର ସମ୍ପାଦକ ସ୍ୱାଇଁ ଧନ୍ୟବାଦ ଦେଇଥିଲେ।

## ଦୁଇ ବରିଷ୍ଠ ଶିକ୍ଷକଙ୍କୁ ଅବସର ସମ୍ବର୍ଦ୍ଧନା


ଛାତ୍ରୀଛାତ୍ର ଓ ଶିକ୍ଷୟିତ୍ରୀଶିକ୍ଷକମାନଙ୍କ ସହ ଅବସରପ୍ରାପ୍ତ ଦୁଇ ଶିକ୍ଷକ।

ବାଲିକୁଦା,୨।୮(ସ୍ୱ.ପ୍ର.)

ବାଲିକୁଦା ବ୍ଲକର ପୁରାତନ ଶିକ୍ଷାନୁଷ୍ଠାନ ବୋରିକିନା ଉଚ୍ଚ ବିଦ୍ୟାଳୟର ୨ ଜଣ ବରିଷ୍ଠ ଶିକ୍ଷକ ସର୍ବଶ୍ରୀ ସୟଦ୍ ଅନୱାରୁଲ ଇସଲାମ୍ ଓ ମାୟାଧର ଲେଙ୍କାଙ୍କୁ ଶୁକ୍ରବାର ଅବସରକାଳୀନ ସମ୍ବର୍ଦ୍ଧନା ଦିଆଯାଇଛି। ଏହି ଅବସରରେ ପ୍ରଧାନ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପରିଡାଙ୍କ ଅଧ୍ୟକ୍ଷତାରେ ସମ୍ବର୍ଦ୍ଧନା ସଭା ହୋଇଥିଲା। ଏଥିରେ ପୂର୍ବତନ ପ୍ରଧାନ ଶିକ୍ଷକ ପ୍ରମୋଦ କୁମାର ପଢିଆରୀ ମୁଖ୍ୟଅତିଥି, ପୂର୍ବତନ ବ୍ଲକ ଶିକ୍ଷାଧିକାରୀ ସଚ୍ଚିଦାନନ୍ଦ ସାହୁ, ନାଉଗାଁ ବ୍ଲକ ଶିକ୍ଷା ଅଧିକାରୀ/ବାଲିକୁଦା ହାଇସ୍କୁଲର ପ୍ରଧାନ ଶିକ୍ଷକ ଗଣେଶ ଚନ୍ଦ୍ର ସେଠୀ, ପୂର୍ବତନ ପ୍ରଧାନ ଶିକ୍ଷକ ଅନନ୍ତ ଚରଣ ଦାସ, ନକୁଳ ଚରଣ ସ୍ୱାଇଁ, ଆଇନଜୀବୀ ବୀର ନାରାୟଣ ପାତ୍ର, ମୋ ସ୍କୁଲ ଅଭିଯାନର ସଭାପତି ଭୀମସେନ ମୁଦୁଲି, ସମିତି ସଭ୍ୟା ସାଗରିକା ପରିଡା, ପ୍ରଭାତ ଗୋଛାୟତ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଦୁଇ ବିଦାୟୀ ଶିକ୍ଷକଙ୍କ ଦକ୍ଷତା, ପାରଦର୍ଶିତା ଓ ଛାତ୍ର ବତ୍ସଳତା ସମ୍ପର୍କରେ ଅତିଥିମାନେ ମତବ୍ୟକ୍ତ କରିଥିଲେ। ବରିଷ୍ଠ ଶିକ୍ଷୟିତ୍ରୀ ମାନସୀ ମହାନ୍ତି ସ୍ୱାଗତ ଭାଷଣ ଓ କୁସୁମାଳୀ ଦାସ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ସୁକାନ୍ତୀ ଦାଶ, ପୂର୍ଣ୍ଣଚନ୍ଦ୍ର ମହାନ୍ତି, ସୌଭାଗ୍ୟ ତ୍ରିପାଠୀ, ସୁକାନ୍ତ ଦାସ, ଶ୍ରୁତିରେଖା ମହାନ୍ତି, ସରସ୍ୱତୀ ସାହୁ, ପୁଷ୍ପଲତା ଦାସ ପ୍ରମୁଖ ଦୁଇ ଶିକ୍ଷକଙ୍କ ଜୀବନାଦର୍ଶ ସମ୍ପର୍କରେ ଆଲୋକପାତ କରିଥିଲେ। ଦୁଇ ବିଦାୟୀ ଶିକ୍ଷକଙ୍କୁ ପୁଷ୍ପଗୁଚ୍ଛ, ମାନପତ୍ର, ଉପଢୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।

## ଅବସରପ୍ରାପ୍ତ କର୍ମଚାରୀ ସଂଘର ଚାରାରୋପଣ

ତିର୍ତ୍ତୋଲ,୨।୮(ଡି.ଏନ.ଏ.)

ତିର୍ତ୍ତୋଲ ବ୍ଲକ ଜଗନ୍ନାଥପୁର ପଞ୍ଚାୟତର ଅବସରପ୍ରାପ୍ତ କର୍ମଚାରୀ ସଂଘ ପକ୍ଷରୁ ଚାରାରୋପଣ ଓ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଛି। ଏହି ଅବସରରେ ଜଗନ୍ନାଥପୁର ନିକଟ ବାରବାଟିଆ ମଦ୍ରାସା ପରିସରରେ ଚାରାରୋପଣ କରାଯାଇଥିଲା। ମଦ୍ରାସାର ଅନ୍ତେବାସୀ ଓ ଛାତ୍ରୀଛାତ୍ରଙ୍କୁ ଚାରାରୋପଣର ଉପକାରିତା ସମ୍ପର୍କରେ ସଚେତନ କରାଯାଇଥିଲା। ବୃକ୍ଷ ଜୀବଜଗତକୁ ବିଶୁଦ୍ଧ ଅମ୍ଳଜାନ ଯୋଗାଇଥାଏ ଓ ଅମ୍ଳଜାନ ବିନା ଜୀବଜଗତ ତିଷ୍ଠି ପାରିବ ନାହିଁ ବୋଲି କୁହାଯାଇଥିଲା। କାର୍ଯ୍ୟକ୍ରମରେ ସଂଘର ସମ୍ପାଦକ ଶରତ ଚନ୍ଦ୍ର ତାରେଣିଆ, ସଭ୍ୟ ବିଷ୍ଣୁଚରଣ ସାହୁ, ନରହରି ଓଝା, ଯଦୁମଣି ପରିଡା, ଗଗନ ଛୋଟରାୟ, ପ୍ରଫୁଲ୍ଲ କୁମାର ଦାସ, ଉତ୍ତମ ମଲ୍ଲିକ, ନରେନ ଦାସ, ବାବାଜୀ ଚରଣ ମଲ୍ଲିକ, ମଦନ ମୋହନ ଖଣ୍ଡୁଆଳ, ବ୍ରଜବନ୍ଧୁ ବିଶ୍ୱାଳ, ଅପର୍ତ୍ତୀ ଦାସ, ନିରଞ୍ଜନ ସ୍ୱାଇଁ, ହରେକୃଷ୍ଣ ସେଣ, ବିଷ୍ଣୁ ନାୟକ, ରାଧୁ ଦାସ ଓ ସଭାପତି ଫକିର ଚରଣ ମହାନ୍ତି ପ୍ରମୁଖ ସାମିଲ ହୋଇଥିଲେ।

ସ୍ୱାଧୀନତା ସଂଗ୍ରାମୀ ଭାଗୀରଥି ମହାପାତ୍ରଙ୍କ ଶ୍ରାଦ୍ଧବାର୍ଷିକୀ

## ଅଳକାଶ୍ରମ ସ୍ମୃତି ଭବନ ପ୍ରତିଷ୍ଠା ନିଷ୍ପତ୍ତି

ଜଗତ୍‌ସିଂହପୁର ଅଫିସ,୨।୮

ଓଡ଼ିଶାରେ ସ୍ୱାଧୀନତା ସଂଗ୍ରାମୀଙ୍କ ଅନ୍ତୁଡିଶାଳ କହିଲେ ଅଳକାଶ୍ରମକୁ ବୁଝାଯାଏ। ଏଭଳି ଏକ ଆଶ୍ରମ ପ୍ରତିଷ୍ଠାରେ ବିଶିଷ୍ଟ ସ୍ୱାଧୀନତା ସଂଗ୍ରାମୀ ସ୍ୱର୍ଗତ ଭାଗୀରଥି ମହାପାତ୍ରଙ୍କ ଅବଦାନ ଅତୁଳନୀୟ। କିନ୍ତୁ ତାଙ୍କ ଭଳି ଜଣେ ମହାନ ଦେଶଭକ୍ତଙ୍କ ସ୍ମୃତିଚାରଣ ପାଇଁ ଜିଲାରେ ସେଭଳି କିଛି କାର୍ଯ୍ୟକ୍ରମ କରାଯାଉ ନ ଥିଲା। ଚଳିତବର୍ଷ ଭାଗୀରଥି ମହାପାତ୍ର ସ୍ମୃତି କମିଟି ଓ ଜିଲା ପ୍ରଶାସନ ମିଳିତ ଆନୁକୂଲ୍ୟରେ ତାଙ୍କ ୪୫ତମ ଶ୍ରାଦ୍ଧବାର୍ଷିକୀ ପାଳିତ ହୋଇଛି। ସରଳାଦେବୀ କଲ୍ୟାଣ ମଣ୍ଡପ ପରିସରରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ମହାପାତ୍ରଙ୍କ ସଂଗ୍ରାମୀ ଜୀବନ ଉପରେ ଆଲୋଚନା ହୋଇଥିଲା। ଏଥିସହ ଅଳକାଶ୍ରମ ସ୍ମୃତି ଭବନ ପ୍ରତିଷ୍ଠା ଉପରେ ଗୁରୁତ୍ୱାରୋପ କରାଯାଇଥିଲା। ଏକ କମିଟି ଗଠନ ସହ ଆସନ୍ତା ବର୍ଷ ସୁଦ୍ଧା ଭବନ ନିର୍ମାଣ କରି ସ୍ୱାଧୀନତା ସଂଗ୍ରାମୀଙ୍କ ଜନ୍ମ ଓ ଶ୍ରାଦ୍ଧ ଦିବସ ପାଳନ କରାଯିବ ବୋଲି ମୁଖ୍ୟଅତିଥି ଭାବେ ଯୋଗଦେଇ ଜିଲାପାଳ ସଂଗ୍ରାମ କେଶରୀ ମହାପାତ୍ର କହିଥିଲେ। ପ୍ରଭାକର ସ୍ୱାଇଁଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ପାବକ କାନୁନ୍‌ଗୋ ମୁଖ୍ୟବକ୍ତା, ସତ୍ୟ ରାୟ, ସ୍ୱର୍ଗତ ଭାଗିରଥୀ ମହାପାତ୍ରଙ୍କ ଦାୟଦ ବିନାୟକ ପଟ୍ଟନାୟକ, ନାତୀ ଲକ୍ଷ୍ମୀ ପ୍ରକାଶ ମହାପାତ୍ର, ମହେନ୍ଦ୍ର ଆଚାର୍ଯ୍ୟ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ସେହିପରି ଅଳକା ଆଶ୍ରମ ସ୍ମୃତି ଭବନ ପରିଷଦ ପରିସରରେ ସ୍ୱର୍ଗତ ମହାପାତ୍ରଙ୍କ ଶ୍ରାଦ୍ଧଦିବସ ପାଳିତ ହୋଇଥିଲା। ସଂଗ୍ରାମୀ ମାଧବାନନ୍ଦ ମନୋହରୀଙ୍କ ପୌରୋହିତ୍ୟରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସାମାଜିକ କର୍ମୀ ଗୌରାଙ୍ଗ ହୋତା, ପୂର୍ବତନ ପୌରାଧ୍ୟକ୍ଷ ବିପ୍ଳବ ଚୌଧୁରୀ, ଶଶାଙ୍କ ଶେଖର ପଣ୍ଡା, ଭାଗିରଥୀ ସ୍ୱାଇଁ, ଯୋଗେନ୍ଦ୍ରନାଥ ମହାରଣା, ମୁରଲୀଧର ସାହୁ, ଦ୍ୱାରିକାନାଥ ମହାପାତ୍ର, ପ୍ରଦୀପ୍ତ ସାହୁ, କୃଷ୍ଣଚନ୍ଦ୍ର ପ୍ରଧାନ, ଆୟୁସମାନ ଖୁଣ୍ଟିଆ, ପ୍ରଭାସ ରାଉତରାୟ, ରଶ୍ମିରଞ୍ଜନ ମୁଦୁଲି, ସାଇବିଭୁ କାନୁନ୍‌ଗୋ, କେ.କେ. ଦାସ ଓ ସୌମ୍ୟରଞ୍ଜନ ସାହୁ ଉପସ୍ଥିତ ଥିଲେ।

୧୦ ଦଫା ଦାବିରେ ସିପିଆଇର ବିକ୍ଷୋଭ

## ସବୁ ଚାଷୀଙ୍କୁ କାଳିଆ ଯୋଜନାରେ ସାମିଲ କର

ଏରସମା,୨।୮(ସ୍ୱ.ପ୍ର.)

ଏରସମା ବ୍ଲକ ସମ୍ମୁଖରେ ଶୁକ୍ରବାର ସିପିଆଇ ପକ୍ଷରୁ ୧୦ ଦଫା ଦାବି ନେଇ ବିକ୍ଷୋଭ ପ୍ରଦର୍ଶନ କରାଯାଇଛି। ସିପିଆଇର ଶତାଧିକ କର୍ମୀ ଏରସମାସ୍ଥିତ ପାର୍ଟି କାର୍ଯ୍ୟାଳୟ ନିକଟରୁ ଶୋଭାଯାତ୍ରାରେ ଆସି ବ୍ଲକ ସମ୍ମୁଖରେ ପହଞ୍ଚିଥିଲେ। ସେଠାରେ ପୀତାମ୍ବର ଦାସଙ୍କ ସଭାପତିତ୍ୱରେ ଆୟୋଜିତ ପ୍ରତିବାଦ ସଭାରେ ବିଶେଷ କରି ସମସ୍ତ ଚାଷୀଙ୍କୁ କାଳିଆ ଯୋଜନାରେ ସାମିଲ କରିବାକୁ ଦାବି କରାଯାଇଥିଲା। ଏରସମାର ପୂର୍ବତନ ସରପଞ୍ଚ ଶଶିଭୂଷଣ ସ୍ୱାଇଁ, ଯୁବନେତା ଅଭିଜିତ ସାହୁ, ପୂର୍ବତନ ବ୍ଲକ ଉପାଧ୍ୟକ୍ଷ ରାମଚନ୍ଦ୍ର ମୁଦୁଲି, ପ୍ରଫୁଲ୍ଲ ଦାସ, ବଂଶୀଧର ବେହେରା, ଦାମୋଦର ବେହେରା, ସର୍ବେଶ୍ୱର ବେଉରା, ପ୍ରହ୍ଲାଦ ଚନ୍ଦ୍ର କୁଅଁର ପ୍ରମୁଖ ଯୋଗଦେଇ ୧୦ ଦଫା ଦାବି ଉପରେ ବକ୍ତବ୍ୟ ଦେଇଥିଲେ। ସମସ୍ତ ଚାଷୀଙ୍କୁ କାଳିଆ ଓ ପ୍ରଧାନମନ୍ତ୍ରୀ କିଷାନ ନିଧି ଯୋଜନାରେ ସାମିଲ କରିବା, ବିଦ୍ୟୁତ୍ ବିଲ ଗ୍ରାମରେ ପୈଠ କରିବା, ବିଦ୍ୟୁତ ଉପଭୋକ୍ତାଙ୍କ ପ୍ରିପେଡ ବିଲ ବନ୍ଦ କରିବା, ନିଅଣ୍ଟିଆ ବର୍ଷାରେ ନଷ୍ଟ ହୋଇଥିବା ଫସଲ ବାବଦ କ୍ଷତିପୂରଣ ପ୍ରଦାନ, ଫାଇଲିନ କ୍ଷତିପୂରଣ ପ୍ରଦାନ, ପ୍ରଧାନମନ୍ତ୍ରୀ ଆବାସ ଯୋଜନା ଓ ବିଜୁ ପକ୍କାଘର ଯୋଜନାରେ ପ୍ରକୃତ ହିତାଧିକାରୀଙ୍କୁ ଘର ଯୋଗାଇବାକୁ ସେମାନେ ଦାବି କରିଥିଲେ। ଏହି ଅବସରରେ ରାଜ୍ୟପାଳଙ୍କ ଉଦ୍ଦେଶ୍ୟରେ ବିଡିଓ କୈଳାସ ଚନ୍ଦ୍ର ବେହେରାଙ୍କୁ ଦାବିପତ୍ର ପ୍ରଦାନ କରାଯାଇଥିଲା।



ସିପିଆଇ ପକ୍ଷରୁ ବିକ୍ଷୋଭରେ ସାମିଲ ହୋଇଥିବା ନେତା ଓ କର୍ମୀ।

# ଦେଢ଼ ମାସରେ ବଦଳିଗଲା ନିୟମ



କପୁରାବେଲାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ ଆଗରେ ଅଭିଭାବକଙ୍କ ପ୍ରତିବାଦ ।


ବଘେଇପୁର ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟ।

■ବିଦ୍ୟାଳୟ ମିଶ୍ରଣକୁ ନେଇ ତେଜୁଛି ଅସନ୍ତୋଷ
■ଦୁଇ ଗ୍ରାମବାସୀ ଜିଦ୍‌ରେ ଅଟଳ

ବାଲିକୁଦା,୨।୮(ସ୍ୱ.ପ୍ର.)

ଚାପରେ ଶିକ୍ଷା ବିଭାଗ। ମାତ୍ର ଦେଢ ମାସରେ ବଦଳିଗଲା ବିଦ୍ୟାଳୟ ମିଶ୍ରଣ ନିୟମ। ତାହା ପୁଣି ନିର୍ଦ୍ଦିଷ୍ଟ ଏକ ବିଦ୍ୟାଳୟ ପାଇଁ। ସୂଚନା ଅନୁଯାୟୀ, ବାଲିକୁଦା ବ୍ଲକ ବଘେଇପୁର ପ୍ରାଥମିକ ବିଦ୍ୟାଳୟକୁ ପ୍ରଥମେ ଗତ ଜୁନ ୧୩ରେ କପୁରାବେଲାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ କରିବାକୁ ଚିଠି ହୋଇଥିଲା। ଏପରିକି ସେଠାରେ କାର୍ଯ୍ୟରତ ୨ ଜଣ ଶିକ୍ଷୟିତ୍ରୀ ଶିକ୍ଷକଙ୍କୁ ମଧ୍ୟ ବଘେଇପୁର ପ୍ରାଥମିକ ବିଦ୍ୟାଳୟରୁ ଅଣାଯାଇ କପୁରାବେଲାରୀ ପ୍ରକଳ୍ପ ବିଦ୍ୟାଳୟରେ ଅବସ୍ଥାପିତ କରାଯାଇଛି। ମାତ୍ର ପୁଣି ଏଥିରେ ପରିବର୍ତ୍ତନ କରାଯାଇ ଭିତ୍ତିଭୂମି ଆଳ ଦେଖାଇ କପୁରାବେଲାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟକୁ ବଘେଇପୁର ପ୍ରାଥମିକ ବିଦ୍ୟାଳୟରେ ମିଶାଇବାକୁ ଚିଠି କରାଯାଇଛି। ଏହାକୁ ନେଇ ଏବେ ଉଭୟ ଗାଁର ଲୋକେ ନିଜ ବିଦ୍ୟାଳୟ ବଞ୍ଚାଇ ରଖିବାକୁ ଉଦ୍ୟମ ଚଳାଇଛନ୍ତି। ଏପରିକି ଆନ୍ଦୋଳନ ସୃଷ୍ଟି ହୋଇଛି। ବଘେଇପୁର ସ୍କୁଲ ଅନ୍ୟତ୍ର ମିଶ୍ରଣ ହେବା ପରେ ଉକ୍ତ ଗାଁର ଅଭିଭାବକମାନେ ବିରୋଧ କରିଛନ୍ତି। ସେମାନେ ପିଲାଙ୍କୁ ଅନ୍ୟତ୍ର ନ ପଠାଇ ପୂର୍ବରୁ ସେହି ସ୍କୁଲ ଚାଲିଥିବା ବହୁମୁଖୀ ବାତ୍ୟା ଆଶ୍ରୟସ୍ଥଳୀରେ ବସାଇ ଗାଁର ଜଣେ ଯୁବତୀଙ୍କୁ ଶିକ୍ଷାଦାନରେ ନିୟୋଜିତ କରିଛନ୍ତି। ଶୁକ୍ରବାର ମଧ୍ୟ ସେଠାରେ ୧୧ ଜଣ ଛାତ୍ରୀଛାତ୍ର ବସି ପଢୁଥିବା ଦେଖିବାକୁ ମିଳିଛି। ଯେଉଁ ସ୍କୁଲରେ ୨୫ରୁ କମ୍ ଛାତ୍ରୀଛାତ୍ର ଥିବେ ସେହି ସ୍କୁଲକୁ ଅନ୍ୟ ସ୍କୁଲ ସହିତ ମିଶାଇବା ଓ ୧୦ରୁ କମ୍ ପିଲା ଥିବା ସ୍କୁଲ ସମ୍ପୂର୍ଣ୍ଣ ବନ୍ଦ କରିବାକୁ ସରକାର ନିୟମ କରିଛନ୍ତି। ସେହି ନିୟମ ଅନୁଯାୟୀ ୧୪ ଛାତ୍ରୀଛାତ୍ର ଥିବା ବଘେଇପୁର ପ୍ରାଥମିକ ବିଦ୍ୟାଳୟକୁ ୨୯ ଛାତ୍ରୀଛାତ୍ର ଥିବା କପୁରାବେଲାରୀ ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟରେ ମିଶ୍ରଣ କରିବା କଥା। ସେଥିପାଇଁ ଜୁନ ୧୩ ତାରିଖରେ ବିଭାଗ ପକ୍ଷରୁ ଚିଠି ଆସିଥିଲା। ମାତ୍ର ଏବେ ନିୟମ ଓଲଟି ଯାଇଛି। ବଘେଇପୁର ପ୍ରାଥମିକ ବିଦ୍ୟାଳୟ ଯେଉଁଠି ଚାଲିଛି ତାହା ଏକ ବାତ୍ୟା ଆଶ୍ରୟସ୍ଥଳୀ, ଯାହାକି ମହାବାତ୍ୟା ପରେ କାସା କମ୍ପାନୀ ନିର୍ମାଣ କରିଥିଲା। ସେହି ଘର ଛାତ ଉପରେ ଗଛ ଉଠି ଏହା ବିପଦ ସଙ୍କୁଳ ଅବସ୍ଥାରେ ରହିଛି। କାନ୍ଥ ଓ ଛାତରୁ ପ୍ଲାଷ୍ଟର ଖସିଲାଣି। ଅନ୍ୟପକ୍ଷରେ କପୁରାବେଲାରୀ ଗାଁରେ ଅଙ୍ଗନୱାଡି କେନ୍ଦ୍ରଟିଏ ମଧ୍ୟ ନାହିଁ। ଏହି ଗାଁରେ ୯୫ ଭାଗଲୋକ ଅନୁସୂଚୀତ ଜାତି ବର୍ଗର। ଅଭିଭାବକମାନେ ମୂଲ ଲାଗିବାକୁ ବାହାରକୁ ଯାଉଥିବାବେଳେ ପିଲାଙ୍କୁ ଗାଁ ସ୍କୁଲରେ ପଢାଉଛନ୍ତି। ଗାଁରୁ ସ୍କୁଲ ବନ୍ଦ ହୋଇ ଅନ୍ୟତ୍ର ସ୍ଥାନାନ୍ତର ହେଲେ ପିଲାମାନେ ହଇରାଣ ହେବେ। ତେଣୁ କୌଣସି ପରିସ୍ଥିତିରେ ଗାଁରୁ ସ୍କୁଲ ବନ୍ଦ କରାଇଦେବେ ନାହିଁ ବୋଲି ଦାବି କରି ଶୁକ୍ରବାର ଅଭିଭାବକମାନେ ସ୍କୁଲ ପରିସରରେ ବସି ରହିଥିଲେ। କାହା ଚାପରେ ଏଭଳି ନିୟମ ବଦଳାଯାଇଛି ବୋଲି ସେମାନେ ପ୍ରଶ୍ନ ଉଠାଇଛନ୍ତି। ଏ ସମ୍ପର୍କରେ ବାଲିକୁଦା ବ୍ଲକ ଶିକ୍ଷା ଅଧିକାରୀ ସଚ୍ଚିନ୍ଦ୍ର କୁମାର ମହାନ୍ତି କହିଛନ୍ତି ଯେ, ବଘେଇପୁରର ଲୋକମାନେ ଏ ବାବଦରେ ଉପରିସ୍ଥ ଅଧିକାରୀଙ୍କ ନିକଟରେ ଦାବି ଜଣାଇଥିଲେ। ସେଠାରୁ ଡିଇଓଙ୍କ ନିକଟକୁ ଚିଠି ଆସିଥିଲା। ସେ ତଦନ୍ତ କରି ଭିତ୍ତିଭୂମି ଥିବାରୁ ଏପରି ନିର୍ଦ୍ଦେଶ ଦେଇଛନ୍ତି ବୋଲି କହିଛନ୍ତି।



ଥରେ ଅଭ୍ୟାସର ବଶବର୍ତ୍ତୀ ହୋଇଗଲେ
ଆଉ ସହଜରେ ତ୍ରାହି ମିଳେନା
- ସେନେକା



## ସଂକ୍ଷେପରେ

ଆଦିନେତା ବିଚିତ୍ରାନନ୍ଦ ଦାସଙ୍କ ଶ୍ରାଦ୍ଧ ବାର୍ଷିକୀ

### ପ୍ରତିମୂର୍ତ୍ତି ସ୍ଥାପନ କରାଯାଇ ନ ଥିବାରୁ ଅସନ୍ତୋଷ

ଦଶରଥପୁର,୨।୮(ଡିଏନ୍ଏ) - ଓଡ଼ିଶାର ଆଦିନେତା ବିଚିତ୍ରାନନ୍ଦ ଦାସଙ୍କ ୧୪୪ତମ ଶ୍ରାଦ୍ଧ ବାର୍ଷିକୀ ତାଙ୍କ ଜନ୍ମସ୍ଥାନ ଦଶରଥପୁର ବ୍ଲକସ୍ଥିତ କଣ୍ଟାବଣିଆ ଗ୍ରାମରେ ଶୁକ୍ରବାର ପାଳିତ ହୋଇଯାଇଛି। ବିଚିତ୍ରାନନ୍ଦ ଯୁବ ସଂସଦ (କଣ୍ଟାବଣିଆ ଗ୍ରାମ) ପକ୍ଷରୁ ଆୟୋଜିତ ସଭାରେ ସଭାପତି ନିତ୍ୟାନନ୍ଦ ଦାସ ସଭାପତିତ୍ୱ କରିଥିଲେ। ପ୍ରଥମେ ତାଙ୍କ ଫଟୋଚିତ୍ରରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା । ଏଥିରେ ଶିକ୍ଷାବିତ୍ ପୂର୍ଣ୍ଣଚନ୍ଦ୍ର ଦାସ, ଖବରଦାତା ଅକ୍ଷୟ କୁମାର ଦାସ, ସାହିତ୍ୟିକ ଓ ସୁଲେଖକ ପ୍ରଦୀପ୍ତ ଦାସଙ୍କ ସହ ଦିଲୀପ କୁମାର ଦାସ, ରାମଚନ୍ଦ୍ର ବାରିକ, ସୂର୍ଯ୍ୟ ନାରାୟଣ ଦାସ, ସତ୍ୟନାରାୟଣ ଦାସଙ୍କ ସହ ସଂସଦର ସମସ୍ତ ସଭ୍ୟାସଭ୍ୟ ଯୋଗ ଦେଇଥିଲେ। ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ଥିବା ଯୋଗଜନ୍ମା ମହାପୁରୁଷ ବିଚିତ୍ରାନନ୍ଦ ଦାସ ଏକ ସମ୍ଭ୍ରାନ୍ତ କରଣ ପରିବାରରେ ଜନ୍ମଗ୍ରହଣ କରିଥିଲେ । ସେ ଭାରତରେ ଇଂରେଜ ଶାସନ ସମୟରେ ଉତ୍କଳର ରେଭେନ୍ସା ସାହେବଙ୍କର ଶିରସ୍ତାଦାର ଥିବାବେଳେ ତାଙ୍କ ପ୍ରଚେଷ୍ଟା ଯୋଗୁ ରେଭେନ୍ସା କଲେଜ ସ୍ଥାପନ ହୋଇପାରିଥିଲା। ନଅଙ୍କ ଦୁର୍ଭିକ୍ଷ ସମୟରେ ତାଙ୍କ ପରାମର୍ଶକ୍ରମେ ବହୁ ସେବାମୂଳକ କାର୍ଯ୍ୟ କରାଯାଇଥିଲା। ମାତ୍ର ଏପରି ଜଣେ ବ୍ୟକ୍ତିଙ୍କୁ ଓଡିଶା ଭୁଲିଯାଇଛି। ସମ୍ପୃକ୍ତ ବ୍ୟକ୍ତିଙ୍କର ଅଦ୍ୟାବଧି ଏକ ପ୍ରତିମୂର୍ତ୍ତି ମଧ ତାଙ୍କ ନିଜ ଗ୍ରାମରେ ସ୍ଥାପନ ନ ହେବାରୁ ଅସନ୍ତୋଷ ପ୍ରକାଶ ପାଇଛି। ଅନ୍ୟପକ୍ଷରେ ଜିଲାର ଗୌତମବୁଦ୍ଧ ସଂସ୍କୃତି ଭବନରେ ବିଚିତ୍ରାନନ୍ଦଙ୍କର ଏକ ପ୍ରତିମୂର୍ତ୍ତି ସ୍ଥାପନ କରାଯାଉ ନ ଥିବାରୁ ଶୁକ୍ରବାର ଆୟୋଜିତ ଶ୍ରାଦ୍ଧ ଦିବସରେ କ୍ଷୋଭ ପ୍ରକାଶ ପାଇଥିଲା। ଜିଲା ପ୍ରଶାସନ କର୍ତ୍ତୃପକ୍ଷ କିଛିବର୍ଷ ତଳେ ସଂସ୍କୃତି ଭବନ ପରିସରରେ ପ୍ରତିମୂର୍ତ୍ତି ସ୍ଥାପନ କରାଯିବା ନେଇ ନିଷ୍ପତ୍ତି ନେଇଥିଲେ ହେଁ ତାହା ଏଯାବତ୍ ନ ହେବା ଯୋଗୁ ବୁଦ୍ଧିଜୀବୀ ମହଲରେ ଅସନ୍ତୋଷ ବ୍ୟକ୍ତ କରାଯାଇଛି। ଏଣୁ ଜିଲାପାଳ ଏଥିପ୍ରତି ତୁରନ୍ତ ଦୃଷ୍ଟିଦେବା ସହ ସଂସ୍କୃତି ଭବନ ପରିସରରେ ଏକ ପ୍ରତିମୂର୍ତ୍ତି ସ୍ଥାପନ କରିବାକୁ ସଂସଦ ପକ୍ଷରୁ ନିବେଦନ କରାଯାଇଛି ।

### ପରୀ-୩ କାର୍ଯ୍ୟକ୍ରମରେ ଜଣେ ଶିଶୁ ଶ୍ରମିକ ଉଦ୍ଧାର

କଳିଙ୍ଗନଗର, ୨।୮(ଡି.ଏନ୍.ଏ.)- ଯଖପୁରା ପୋଲିସ ଶୁକ୍ରବାର ପରୀ-୩ କାର୍ଯ୍ୟକ୍ରମ ଶୁଭାରମ୍ଭ କରିଛି। ଏହି କାର୍ଯ୍ୟକ୍ରମ ମାଧମରେ ଥାନା ଅନ୍ତର୍ଗତ ବିଭିନ୍ନ ହୋଟେଲ ଓ ଢାବା ଉପରେ ଚଢ଼ାଉକରି ଜଣେ ଶିଶୁ ଶ୍ରମିକଙ୍କୁ ଉଦ୍ଧାରକରି ଜିଲା ଶିଶୁ ମଙ୍ଗଳ ଅଧିକାରୀଙ୍କୁ ହସ୍ତାନ୍ତର କରିଛି ।

### ଅପହୃତ ନାବାଳକ ଉଦ୍ଧାର

ଧର୍ମଶାଳା,୨।୮(ଡି.ଏନ୍.ଏ.)- ଧର୍ମଶାଳା ଥାନା ଅନ୍ତର୍ଗତ ଜଣେ ନାବାଳକଙ୍କୁ ଗତ ଏପ୍ରିଲରେ ଜଣେ ମହିଳା ଆପରଣ କରିନେଇଥିବା ନେଇ ନାବାଳକଙ୍କ ମା’ ଥାନାରେ ଅଭିଯୋଗ କରିଥିଲେ। ଏ ନେଇ ପୋଲିସ ଏକ ମାମଲା (୨୨୮/୧୯) ରୁଜୁକରି ତଦନ୍ତ ଚଳାଇଥିଲା। ଶୁକ୍ରବାର ନାବାଳକ ଜଣଙ୍କ ଘରକୁ ଫେରିଥିବା ଖବର ପାଇ ପୋଲିସ ତାଙ୍କୁ ଧରି ଥାନାରେ ପଚରା ଉଚରା କରିଥିବା ଜଣପଡିଛି।

### ଷ୍ଟିୱାର୍ଟ ସ୍କୁଲର ଜ୍ଞାନବିଜ୍ଞାନ ମେଳା

କାଳଆପାଣି,୨।୮(ଡି.ଏନ୍.ଏ.)- ସୁକିନ୍ଦା ଟାଟା କମ୍ପାନୀ ଖଣି କଲୋନୀ ପରିସରରେ ଥିବା ଷ୍ଟିୱାର୍ଟ ସ୍କୁଲରେ ଶୁକ୍ରବାର ଜ୍ଞାନବିଜ୍ଞାନ ମେଳା ଅନୁଷ୍ଠିତ ହୋଇଯାଇଛି । ଏହି ଅବସରରେ କଟକସ୍ଥିତ ଡ଼ାଇଓସେସ ସାମସନ ଦାସ ମୁଖ୍ୟ ଅତିଥିଭାବେ ଯୋଗଦେଇ କାର୍ଯ୍ୟକ୍ରମର ଉଦ୍‌ଘାଟନ କରିଥିଲେ। ଏଥିରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ୬୨ଟି ବିଜ୍ଞାନ ପ୍ରକଳ୍ପ ଓ ଚିତ୍ରକଳା, କାରୁକାର୍ଯ୍ୟ ୫୪ଟି ପ୍ରଦର୍ଶନ ହୋଇଛି। ସ୍କୁଲ ସମ୍ପାଦକ ପ୍ରଶାନ୍ତ କୁମାର ସାହୁ ଓ ପ୍ରିନ୍ସିପାଲ ଏ.ରାଧା ସମ୍ମାନିତ ଅତିଥିଭାବେ ଯୋଗଦେଥିଲେ। ବିଜ୍ଞାନ ଶିକ୍ଷକ ପ୍ରଫୁଲ୍ଲ ବାରିକଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଜ୍ଞାନମେଳା କାର୍ଯ୍ୟକ୍ରମ ହୋଇଥିବା ବେଳେ ବିଚାରକ ଭାବେ ଟାଟାଷ୍ଟିଲ କମ୍ପାନୀ ଭୂତଳ ଖଣି ପରିଚାଳକ ନିହାର ରଞ୍ଜନ ମିତ୍ର, କମ୍ପାନୀ ପରିବେଶବିତ୍ ପରିଚାଳକ ବିରଜା ଜେନା ପରିଦର୍ଶନ କରିବା ସହ ପ୍ରକଳ୍ପଗୁଡ଼ିକର ବିବେଚନା କରିଥିଲେ। ଶିକ୍ଷୟିତ୍ରୀ ବିନିତା ମଲ୍ଲିକ, ଜିତା ରାଜ,ମଞ୍ଜୁଲା ପଟ୍ଟନାୟକ, ଲିନା ତରଫଦାର, ଶିକ୍ଷକ ସୁପ୍ରଶ୍ନ ନାୟକ, ଆର.ଏସ.ପାତ୍ରଙ୍କ ସହ ସ୍କୁଲ ସମସ୍ତ ଶିକ୍ଷୟିତ୍ରୀଶିକ୍ଷକ ପରିଚାଳନାରେ ସହଯୋଗ କରିଥିଲେ। ପ୍ରତିଶ୍ରେଣୀରେ ଯୋଗ୍ୟ କୃତୀ ଛାତ୍ରୀଛାତ୍ରଙ୍କୁ ଆଗାମୀ ଦିନରେ ପୁରସ୍କୃତ କରାଯିବ ବୋଲି ସ୍କୁଲ କର୍ତ୍ତୃପକ୍ଷ ସୂଚନା ଦେଇଛନ୍ତି।

# ଶ୍ରାବଣରେ ମୁଣ୍ଡଫଟା ଖରା, ମରୁଡ଼ି ଆଶଙ୍କା

ଦଶରଥପୁର,୨।୮(ଡିଏନ୍ଏ)

**ଦଶରଥପୁର ବ୍ଲକ**
- ହଳଦିଆ ପଡ଼ିଲାଣି କ୍ଷେତରେ ପଡ଼ିଥିବା ତଳି
- ପଡ଼ିଆ ପଡ଼ିପାରେ ଶତକଡା ୩୦ଭାଗ ଜମି
- କେନାଲରେ ପାଣି ଛଡ଼ାଯିବା ବଦଳରେ ଚାଲିଛି ସଫେଇ କାର୍ଯ୍ୟ

ଶ୍ରାବଣ ମାସରେ ବର୍ଷାର ଧାରା ଲାଗି ରହିବା କଥା। ଏଥିଲାଗି ଏହି ମାସକୁ ଧାରା ଶ୍ରାବଣ ବୋଲି କୁହାଯାଇଥାଏ। ମାତ୍ର ଚଳିତ ବର୍ଷ ଶ୍ରାବଣ ମାସରେ ବର୍ଷା ବଦଳରେ ମୁଣ୍ଡ ଫଟା ଖରା ହେଉଛି। ଦଶରଥପୁର ବ୍ଲକରେ ଚଳିତ ବର୍ଷ ଖରିଫ ଧାନ ଚାଷ ପାଇଁ ବର୍ଷାର ଘୋର ଅଭାବ ଦେଖାଦେଇଛି। ଫଳରେ ବ୍ଲକ ଅଞ୍ଚଳର ଚାଷ ଜମି ସବୁ ଫାଟି ଆଁ କଲାଣି । ଧାନ କ୍ଷେତରେ ପଡିଥିବା ତଳି କେଉଁଠି ହଳଦିଆ ପଡିଗଲାଣି ତ ଆଉ କେଉଁଠି ଗଜାମରୁଡି ହେବାର ଆଶଙ୍କା ଦେଖାଦେଇଛି ।

ବ୍ଲକର ଶତକଡା ୭୨ ଭାଗ ଲୋକ ଚାଷ ଉପରେ ନିର୍ଭର କରୁଥିବାବେଳେ ଏଠାରେ ଥରେ ମରୁଡି ହେଲେ ଚାଷୀ ପରିବାରର ଆର୍ଥିକ ଅବସ୍ଥା ୫ବର୍ଷ ପଛକୁ ଫେରିଯିବାର ନଜିର ରହିଛି। ଚଳିତ ବର୍ଷ ମୌସୁମୀ ବର୍ଷା ଆଦୌ ହୋଇ ନାହିଁ। ଏବେ ଆଷାଢ ଯାଇ ଶ୍ରାବଣ ମାସର ଅଧା ହୋଇଯାଇଥିଲେ ହେଁ ବର୍ଷା ହେବାର ନା ଧରୁନି । ଏପଟେ ଚାଷ ସମୟ ଅତିବାହିତ ହୋଇଯାଉଥିବାରୁ ଜମି ପ୍ରସ୍ତୁତ କରି ଚାଷୀ ଆକାଶକୁ ଚାତକ ପରି ଚାହିଁ ବସିଛି। ଏହାଛଡା ବ୍ଲକର ଶତକଡା ୪୦ଭାଗ ଚାଷୀ କ୍ଷେତରେ ତଳି ପକାଇବା ସହ ରୁଆ ପୋତା କରି ସାରିଛନ୍ତି। ମାତ୍ର ଟାଣ ଖରା ଯୋଗୁ ଜମି ଫାଟି ଆଁ କରିଥିବାବେଳେ ତଳି ଶୁଖିଗଲାଣି । ଏହି ବ୍ଲକର କେତେକ ପଞ୍ଚାୟତର ଚାଷୀ ୧ ସି ୧ କେନାଲ ଉପରେ ନିର୍ଭର କରୁଥିବାବେଳେ ଆଉ କିଛି ୧ ଡି ୧ କେନାଲ ଉପରେ ନିର୍ଭର କରିଥାନ୍ତି। ଏହିପରି ୧୮ ପଞ୍ଚାୟତର ଚାଷୀ ଚାଷ ଲାଗି କେନାଲ ଉପରେ ନିର୍ଭର କରିଥାଅନ୍ତି । ଚାଷ କାମ ଆରମ୍ଭ ହୋଇଥିବାରୁ ୧ ସି୧ କେନାଲରେ ଗତ ୨ଦିନ ତଳୁ ପାଣି ଛଡାଯାଇଛି । ୧ ଡି୧ କେନାଲ ଏବେ ଶୁଖିଲା ପଡିଥିବା ଦେଖାଯାଇଛି । ଯାଜପୁର ଜଳ ସମ୍ପଦ ବିଭାଗ ଓ ଦଶରଥପୁର ଜଳସମ୍ପଦ ବିଭାଗ କେନାଲରେ ପାଣି ଛାଡିବା ପରିବର୍ତ୍ତେ ବର୍ତ୍ତମାନ ପର୍ଯ୍ୟାୟରେ ଦୁଇ କେନାଲ ଉପରେ ଠିକାଦାର ପୋଷା କାର୍ଯ୍ୟ ଚଳାଇଛନ୍ତି। ବିଭାଗୀୟ ଅଧିକାରୀମାନେ ଠିକାଦାର ପ୍ରୀତିରେ ବର୍ତ୍ତମାନ କେନାଲ ସଫେଇ କାର୍ଯ୍ୟ କରାଉଥିବା ଦେଖିବାକୁ ମିଳିଛି। ବିଭାଗର ଏପରି ଦାୟିତ୍ୱହୀନତା ଯୋଗୁ ଚାଷୀ ମହଲରେ ଅସନ୍ତୋଷ ଦେଖାଯାଇଛି। ଏହି ୧୮ ପଞ୍ଚାୟତକୁ ଛାଡି ବାକି ୧୭ ପଞ୍ଚାୟତରୁ କେତେକ ପଞ୍ଚାୟତର ଚାଷୀ ବ୍ଲକ ଅଞ୍ଚଳ ଦେଇ ଯାଇଥିବା ବୈତରଣୀ, କାଣୀ, ବେଙ୍ଗା, କେନ୍ଦୁଆ ଓ ଜୁଣେଇ ନଦୀ ଉପରେ ନିର୍ଭର କରୁଥିବାବେଳେ ଏବେ ଏହି ନଦୀଗୁଡିକ ଶୁଖିଲା ପଡିଥିବାରୁ ଏଥର ଏହି ବ୍ଲକ ଅଞ୍ଚଳର ଚାଷ ସମ୍ପୂର୍ଣ୍ଣ ବାଧାପ୍ରାପ୍ତ ହେବ ବୋଲି ବରିଷ୍ଠ ଚାଷୀ ବାସୁଦେବ ବିଶ୍ୱାଳ, ପଞ୍ଚାନନ ମଲ୍ଲିକ୍, ଅଭିମନ୍ୟୁ ମଲ୍ଲିକ୍, ଧ୍ରୁବଚରଣ ସାହୁ, ଚୌବନ ବାରିକ୍, ପ୍ରଶାନ୍ତ ବେହେରା, ପ୍ରବୋଧ ବିଶ୍ୱାଳ, କାଳନ୍ଦି ବିଶ୍ୱାଳ, ଲକ୍ଷ୍ମୀଧର ଜେନା, ଚିତ୍ତରଞ୍ଜନ ପରିଡା ଓ ପରମେଶ୍ୱର ଦାସ ପ୍ରମୁଖ ପ୍ରକାଶ କରିଛନ୍ତି।

ବ୍ଲକ ଅଞ୍ଚଳର ୧୫ହଜାର ୫ଶହ ୨୫ ହେକ୍ଟର ଉଚ୍ଚାନିଚ୍ଚା ଚାଷ ଜମି ରହିଥିବାବେଳେ ଚଳିତ ବର୍ଷ ୧୨ହଜାର ୩ଶହ ହେକ୍ଟର ଚାଷ ଜମିରେ ଚାଷ ପାଇଁ ଲକ୍ଷ୍ୟ ଧାର୍ଯ୍ୟ ରଖାଯାଇଥିଲା। ମାତ୍ର ବର୍ଷାର ଅଭାବ ଲାଗି ଲକ୍ଷ୍ୟ ଧାର୍ଯ୍ୟଠାରୁ ଶତକଡା ୩୦ଭାଗ ଜମି ପଡ଼ିଆ ପଡିବ ବୋଲି ଚାଷୀ ମହଲରୁ ଶୁଣିବାକୁ ମିଳିଛି। ଅନ୍ୟପକ୍ଷେ ଚାଷକାମ ଲାଗି ବ୍ଲକର ୧୭ ପଞ୍ଚାୟତର ବହୁସ୍ଥାନରେ ଲିଫ୍ଟ ପଏଣ୍ଟ କରାଯାଇଥିବାବେଳେ ମାତ୍ର ଗୋଟିଏ ଦୁଇଟି ସ୍ଥାନକୁ ଛାଡିଲେ ବ୍ଲକ ପଛପଟେ ଥିବା ମହାପାତ୍ର ସାହି ଲିଫ୍ଟ ପଏଣ୍ଟ, ନନ୍ଦିପୁର ଶାସନ, ଡାହାଣହଡା ପଞ୍ଚାୟତ ନାୟକ ସାହିଠାରେଥିବା ଏପରି ପ୍ରାୟ ୨୨ରୁ ଊର୍ଦ୍ଧ୍ୱ ଲିଫ୍ଟ ପଏଣ୍ଟ ଖରାପ ଥିବା ଦେଖାଯାଇଛି। ଯେଉଁଥି ଲାଗି ଚାଷୀ ଏଥର ଘୋର ଅସୁବିଧାର ସାମ୍ନା କରିବ ବୋଲି ପୂର୍ବାନୁମାନ କରାଯାଇଛି । ଏନେଇ ଦଶରଥପୁର ଜଳ ସମ୍ପଦ ବିଭାଗ ଜେଇ ଭାଗବତ ବେହେରାଙ୍କୁ ପଚାରିବାରେ, କେନାଲ ମରାମତିର ଆବଶ୍ୟକତା ଥିଲା। ଏଣୁ ଅଳ୍ପଦିନ ମଧ୍ୟରେ ପାଣି ମିଳିବ ବୋଲି ସେ କହିଛନ୍ତି ।

## ଦୋକାନ ଖୋଲିବାବେଳେ ଲୁଟିନେଲେ ଗହଣା

ଯାଜପୁର ଟାଉନ,୨।୮(ଡିଏନଏ)

ଯାଜପୁରସହର ବିରଜା ହାଟ ନିକଟରେ ଥିବା ଗହଣା ଦୋକାନରୁ ଶୁକ୍ରବାର ଲୁଟ୍ ହୋଇଯାଇଛି। ପୂର୍ବାହ୍ନ ୯ଟାରେ ପଣ୍ଡା ଜୁଏଲର୍ସ ମାଲିକ ରମାକାନ୍ତ ପଣ୍ଡା ଦୋକାନ ଖୋଲିବା ପାଇଁ ଯାଉଥିବାବେଳେ ପୂର୍ବରୁ ପ୍ରସ୍ତୁତ ଥିବା ୨ଜଣ ଲୁଟେରା ଏକ କଳା ପଲସର ବାଇକ୍‌ରେ ଆସି ତାଙ୍କ ହାତକୁ ମୋଡି ସେ ଧରିଥିବା ବ୍ୟାଗ୍‌କୁ ଝାମ୍ପି ନେଇ ଫେରାର ହୋଇଯାଇଥିଲେ। ଉକ୍ତ ବ୍ୟାଗ୍‌ରେ ୫ଶହ ଗ୍ରାମର ସୁନା ଓ ୨କେ.ଜି ରୁପା ଅଳଙ୍କାର ଥିବା ସେ ଯାଜପୁର ଥାନାରେ ଅଭିଯୋଗ କରିଛନ୍ତି। ଅଭିଯୋଗ ପାଇବା ପରେ ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଆରମ୍ଭ କରିଛି। ସୂଚନା ଯୋଗ୍ୟ ପ୍ରତ୍ୟେକ ଦିନ ରମାକାନ୍ତ ରାତିରେ ଦୋକାନରେ ଥିବା ସୁନା ଅଳଙ୍କାର ବ୍ୟାଗ୍‌ରେ ଭର୍ତ୍ତିକରି ଘରକୁ ନେଇଯାଇଥାନ୍ତି ପରେ ସକାଳୁ ସେହି ବ୍ୟାଗ୍‌ଟି ଆଣିଥାନ୍ତି। ଯାହାକି ଲୁଟେରାଙ୍କ ନଜରରେ ରହିଥିଲା। ଯାଜପୁର ସହରରେ କିଛିଦିନ ମଧ୍ୟରେ ୪/୫ ଟି ଲୁଟ୍ ଘଟଣା ହୋଇଥିଲେ ମଧ ପୋଲିସ ଆଜିପର୍ଯ୍ୟନ୍ତ କାହାରିକୁ ଗିରଫ କରିବା ପାଇଁ ସମର୍ଥ ହୋଇନାହିଁ।

## ଯାଜପୁର ଜିଲା ନିର୍ମାଣ ଶ୍ରମିକ ମିଳିତ ମଞ୍ଚ ପକ୍ଷରୁ ବିକ୍ଷୋଭ

ଯାଜପୁର ଟାଉନ,୨।୮(ଡିଏନଏ)



ଜିଲା ନିର୍ମାଣ ଶ୍ରମିକ ମିଳିତମଞ୍ଚ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି ।

ଯାଜପୁର ଜିଲା ନିର୍ମାଣ ଶ୍ରମିକ ମିଳିତମଞ୍ଚ ପକ୍ଷରୁ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ବିକ୍ଷୋଭ କରାଯାଇଛି। ଦୀର୍ଘଦିନ ଧରି ଜିଲାର ବିଭିନ୍ନ ଟ୍ରେଡ୍ ୟୁନିଅନ ନିର୍ମାଣ ଶ୍ରମିକଙ୍କ ସାମାଜିକ ସୁରକ୍ଷା ଅନୁଯାୟୀ ସେମାନଙ୍କୁ ସହାୟତା ରାଶି ଯୋଗାଇ ଦେବାକୁ ଦାବି କରିଆସୁଥିଲେ। ମାତ୍ର ଶ୍ରମ କାର୍ଯ୍ୟାଳୟ ପକ୍ଷରୁ କାଳକ୍ଷେପଣ ନୀତି ପ୍ରୟୋଗ କରାଯିବା ଦ୍ୱାରା ନିର୍ମାଣ ଶ୍ରମିକମାନେ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ସମସ୍ୟାର ସ୍ଥାୟୀ ସମାଧାନ ନିମନ୍ତେ ଏକ ୧୧ଦଫା ଦାବି ସମ୍ବଳିତ ପତ୍ର ଜିଲାପାଳଙ୍କୁ ପ୍ରଦାନ କରାଯାଇଥିଲା। ଏହି ଦାବିପତ୍ରରେ କଳିଙ୍ଗନଗର ଶିଳ୍ପାଞ୍ଚଳ ଓ ଯାଜପୁର ଜିଲାର ବିଭିନ୍ନ କଳକାରଖାନା, ଯାଜପୁର ରୋଡଠାରେ ନିର୍ମାଣ ଶ୍ରମିକ ଆଶ୍ରୟସ୍ଥଳୀକୁ ଅବିଳମ୍ବେ ସମ୍ପୂର୍ଣ୍ଣ କରିବା, ଯାଜପୁର ଜିଲା ନିର୍ମାଣ ଶ୍ରମିକଙ୍କୁ କୁଶଳୀ ପ୍ରଶିକ୍ଷଣ ଦେଇ ସ୍ଥାନୀୟ କଳକାରଖାନାରେ ଅଗ୍ରାଧିକାର ଭାବେ ନିଯୁକ୍ତି ପ୍ରଦାନ, ନିର୍ମାଣ ଶ୍ରମିକଙ୍କୁ ବିଭିନ୍ନ ସଂସ୍ଥା ଦ୍ୱାରା ଦିଆଯାଇଥିବା ଯନ୍ତ୍ରପାତି ଓ ସୁରକ୍ଷା ଉପକରଣ ନିମ୍ନମାନର ହୋଇଥିବାରୁ ଏହାର ତଦନ୍ତ କରାଯିବା ଆଦି ଉଲ୍ଲେଖ ରହିଛି। ବିକ୍ଷୋଭରେ ବିଦ୍ୟାଧର ମହାନ୍ତି, ନଟବର ପ୍ରଧାନ, ମଧୁସୂଦନ ଜେନା, ପ୍ରଦୀପ କୁମାର ନାୟକଙ୍କ ସମେତ ଶତାଧିକ କର୍ମକର୍ତ୍ତା ଉପସ୍ଥିତ ଥିଲେ।

## ଦୁର୍ଘଟଣାରେ ବାଇକ୍ ଆରୋହୀଙ୍କ ମୃତ୍ୟୁ

ଯାଜପୁର ରୋଡ/
କୋରେଇ, ୨।୮(ନି.ପ୍ର/ସ୍ୱ.ପ୍ର)

ପାଣିକୋଇଲି ରାଜମୁଣ୍ଡା ୨୦ନମ୍ବର ଜାତୀୟ ରାଜପଥର ବେଣାପୁର ଗୋଲେଇ ଛକ ନିକଟରେ ଶୁକ୍ରବାର ଏକ ୧୦ ଚକିଆ ଆଇରନ ବୋଝେଇ ଟ୍ରକ୍ ( ଓଡି୦୪କେ ୫୭୨୭) ଜଣେ ବାଇକ୍ ଆରେହୀଙ୍କୁ ଧକ୍କା ଦେବା ଫଳରେ ବାଇକ୍ ଆରୋହୀଙ୍କର ମୃତ୍ୟୁ ଘଟିଛି । ମୃତକ ଜଣକ ହେଲେ କୁଆଖିଆ ଥାନା ଗଙ୍ଗାଧରପୁର ଗ୍ରାମର ଚନ୍ଦ୍ରମଣି ଜେନାଙ୍କ ପୁତ୍ର ପ୍ରହଲ୍ଲାଦ (୨୯)। ସେ ବାଇକ ଯୋଗେ ଯାଜପୁରରୋଡରୁ ଆସୁଥିବା ବେଳେ ପାଣିକୋଇଲି ଯାଜପୁରରୋଡ ରାସ୍ତାର ବେଣାପୁର ଗୋଲେଇ ଛକରେ କେଉଁଝରର ପଟୁ ଆସୁଥିବା ଟ୍ରକ ତାଙ୍କ ଉପରେ ମାଡ଼ି ଯାଇଥିଲା। ସ୍ଥାନୀୟ ଲୋକେ ତାଙ୍କୁ ଯାଜପୁରରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ। ପରିସ୍ଥିତି ସଙ୍କଟାପନ୍ନ ହେବାରୁ ତାଙ୍କୁ କଟକ ବଡ ଡାକ୍ତରଖାନାକୁ ସ୍ଥାନାନ୍ତରିତ କରାଯାଇଥିଲା। କଟକ ଯିବା ବାଟରେ ଛତିଆ ନିକଟରେ ପ୍ରହଲ୍ଲାଦଙ୍କର ମୃତ୍ୟୁ ଘଟିଥିଲା। ଏ ନେଇ ଦୁର୍ଘଟଣାସ୍ଥଳରେ ଉତ୍ତେଜନା ଦେଖାଦେଇଥିଲା। କୋରେଇ ଥାନାଧିକାରୀ ରଞ୍ଜିତ କୁମାର ମହାନ୍ତି ଘଟଣାସ୍ଥଳରେ ପହଞ୍ଚି ଟ୍ରକଟିକୁ ଜବତ କରି ଉତ୍ତ୍ୟକ୍ତ ଲୋକଙ୍କୁ ଶାନ୍ତ କରାଇଥିଲେ। ଅନ୍ୟପକ୍ଷରେ ବେଣାପୁର ଗୋଲାଇ ଛକରେ ଟ୍ରାଫିକ ସମସ୍ୟା ଦୂରକରିବା ପାଇଁ କାର୍ଯ୍ୟରତ କୋରେଇ ଥାନାର ହୋମଗାର୍ଡ ସଂଜୟ କୁମାର ବେହେରା ସାହାସିକତା ଦେଖାଇ ଟ୍ରକଟିକୁ ଧରିବା ପାଇଁ ଚଳନ୍ତା ଗାଡି ପଛପଟେ ଓହଳି ପାଣିକେଇଲିଠାରେ ଗାଡିକୁ ଅଟକାଇବାରେ ସକ୍ଷମ ହୋଇଥିଲେ। ପାଣିକୋଇଲିଠାରେ କୋରେଇ ଥାନା ପୋଲିସ ଟ୍ରକ ଜବତ କରି ଥାନାକୁ ଆଣିଥିଲା। ଡ୍ରାଇଭର ଘଟଣାସ୍ଥଳରୁ ଫେରାର ହୋଇଯାଇଥିବାବେଳେ ହେଲପର ଥାନାରେ ଅଟକ ଥିବା ପୋଲିସ କହିଛି।

## ବଢୁଛି ମହିଳା କାଉଡ଼ିଆଙ୍କ ସଂଖ୍ୟା


ମହିଳା କାଉଡିଆ ସେଲ୍‌ଫି ଉଠାଉଛନ୍ତି ।

ଯାଜପୁର ଟାଉନ,୨।୮(ଡିଏନଏ)

ଶ୍ରାବଣ ମାସ ସୋମବାର ପାଇଁ କାଉଡ଼ିଆଙ୍କ ପ୍ରବଳ ଭିଡ଼ ପରିଲକ୍ଷିତ ହେଉଛି। ତେବେ ଏଥିରେ ପୁରୁଷଙ୍କ ତୁଳନାରେ ବହୁ ମହିଳା ଭକ୍ତଙ୍କ ସଂଖ୍ୟା ବଢୁଥିବା ଲକ୍ଷ୍ୟ କରାଯାଉଛି। ଶହଶହ ମହିଳା ଭକ୍ତ ଜଳାଭିଷେକ କରିବା ପାଇଁ ଯାଜପୁରସହର ଦଶାଶ୍ୱମେଧ ଘାଟରୁ ଜଳ ସଂକଳ୍ପ କରାଇ ବିଭିନ୍ନ ଶୈବପୀଠରେ ଜଳାଭିଷେକ ପାଇଁ ଯାତ୍ରା ଆରମ୍ଭ କରିଛନ୍ତି। ଏହି କାଉଡିଆମାନେ ସଂଘବଦ୍ଧ ଭାବେ ବୈତରଣୀରୁ ପାଣି ଉଠାଇ ବିଭିନ୍ନ ଶୈବକ୍ଷେତ୍ରକୁ ଯାଉଥିବା ସମୟରେ ଡିଜେ ମ୍ୟୁଜିକ୍ ଲଗାଇ ନାଚି ନାଚି ଯାଉଥିବା ଦେଖାଦେଇଛି। ଶୁକ୍ରବାର ରାତିରୁ ରବିବାର ଅପରାହ୍ନ ୪ଟା ପର୍ଯ୍ୟନ୍ତ ରାସ୍ତାରେ ଅନବରତ ଏଭଳି ଉଚ୍ଚ ଶବ୍ଦରେ ଗୀତ ବଜେଇ ଯାଉଥିବାରୁ ସ୍ଥାନୀୟ ଲୋକେ ଏଥିରେ ଅତିଷ୍ଠ ହୋଇପଡୁଛନ୍ତି। ଯାଜପୁର ଜଗନ୍ନାଥ ମନ୍ଦିର ନିକଟରୁ ଦେବୀଗଡ଼ା ଘାଟ ପର୍ଯ୍ୟନ୍ତ ଏଭଳି ଶବ୍ଦ ପ୍ରଦୂଷଣ କରାଯାଉଥିବାରୁ ସ୍ଥାନୀୟ ଲୋକେ ସାରା ରାତି ଶୋଇପାରୁ ନ ଥିବା ଅଭିଯୋଗ କରିଛନ୍ତି। ଏହି ଶବ୍ଦ ପ୍ରଦୂଷଣ ଉପରେ ରୋକ୍ ଲଗାଇବା ପାଇଁ ପ୍ରଶାସନ ପକ୍ଷରୁ କୌଣସି ପଦକ୍ଷେପ ଗ୍ରହଣ କରାଯାଉ ନାହିଁ। ଯଦ୍ୱାରା ସ୍ଥାନୀୟ ଲୋକଙ୍କ ମଧ୍ୟରେ କ୍ଷୋଭ ପ୍ରକାଶ ପାଇଛି। ଶ୍ରାବଣ ମାସରେ ପବିତ୍ର ଦଶାଶ୍ୱମେଧ ଘାଟରୁ ଆଖଣ୍ଡଳମଣି, ଲିଙ୍ଗରାଜ, ପଞ୍ଚଲିଙ୍ଗେଶ୍ୱର, ମହାବିନାୟକ, ବରୁଣେଶ୍ୱର, ଖିଲାଟେଶ୍ୱର ଆଦି ଶୈବପୀଠକୁ ଯାତ୍ରା କରି ଜଳାଭିଷେକ କରିବାକୁ ଯାଇଥାନ୍ତି। ଯାଜପୁର ଜିଲା ସମେତ ରାଜ୍ୟର ବିଭିନ୍ନ ସ୍ଥାନରୁ ଏହି ଘାଟରୁ ଜଳ ନେଇ ବୋଲ୍‌ବମ୍ ଭକ୍ତମାନେ ଶୈବପୀଠକୁ ଯାଇଥିବା ଦେଖିବାକୁ ମିଳିଥାଏ।

## ‘ଆମେ ବିପଦର ସାଥୀ’ ପକ୍ଷରୁ ଏସ୍‌ପିଙ୍କୁ ଦାବିପତ୍ର

କୋରେଇ,୨।୮(ସ୍ୱ.ପ୍ର)


ଆମେ ବିପଦର ସାଥୀର ସଦସ୍ୟମାନେ ଏସ୍‌ପିଙ୍କୁ ଦାବିପତ୍ର ପ୍ରଦାନ କରୁଛନ୍ତି ।

ସ୍ୱଚ୍ଛ ଓ ସବୁଜ ପାଣିକୋଇଲିର ନାରା ଦେଇଛି ସ୍ୱେଚ୍ଛାସେବୀ ସଂଗଠନ ଆମେ ବିପଦର ସାଥି। ପାଣିକୋଇଲିର ବିଭିନ୍ନ ସମସ୍ୟା ଯଥା ଟ୍ରାଫିକ ନିୟନ୍ତ୍ରଣ, ବଜାର ଉଭୟ ପାର୍ଶ୍ୱରେ ଆଲୋକୀକରଣ, ବୃକ୍ଷ ରୋପଣ, ସ୍ୱାସ୍ଥ୍ୟ ସେବା, ଜରୁରୀକାଳୀନ ରକ୍ତଦାନ, ଦୁର୍ଘଟଣା ସହାୟତା ସହ ପରିବେଶର ସୁରକ୍ଷା ଓ ପରିମଳ ବ୍ୟବସ୍ଥା ଆଦି ଭୁଶୁଡି ପଡିଥିବାବେଳେ ଏହାର ନିରାକରଣ ପାଇଁ ସଂଗଠନ ପକ୍ଷରୁ ଦାବିପତ୍ର ପ୍ରଦାନ କରାଯାଇଛି। ଏନେଇ ଏସ୍‌ଡିପିଓ ଓ ଥାନାଧିକାରୀଙ୍କୁ ଦାବିପତ୍ର ଦେବା ସହ ୪ ତାରିଖ ବଜାର ସଫେଇ କାର୍ଯ୍ୟକ୍ରମରେ ଯୋଗଦେଇ ସଦସ୍ୟଙ୍କୁ ଉତ୍ସାହିତ କରିବାକୁ ନିମନ୍ତ୍ରଣ କରାଯାଇଛି। ବିପଦର ସାଥୀ ପକ୍ଷରୁ ମନମୋହନ ବାରିକ, ଅଶୋକ କୁମାର ବେହେରା, ସୁଧାଶଙ୍କର ବିଶ୍ୱାଳ, ଗୋଲକ ବିହାରୀ ପରିଡା, ରାକେଶ ରଞ୍ଜନ ପଣ୍ଡା, ରବୀନ୍ଦ୍ର ବେହେରା, ବିବେକାନନ୍ଦ କବି, ଦିଲୀପ ସ୍ୱାଇଁ, ରବୀନ୍ଦ୍ର ବିନ୍ଧାଣୀ ପ୍ରମୁଖ ଏସ୍‌ପି ଚରଣ ସଂହ ମୀନା, ଏସ୍‌ଡିପିଓ କେଦାର ନାଥ ସାହୁ, ଥାନାଧିକାରୀ ଅଜୟ କୁମାର ଜେନାଙ୍କୁ ଦାବିପତ୍ର ପ୍ରଦାନ କରିଥିଲେ।

## ଜିଲା ପରିଷଦ ଷ୍ଟେନୋ ନିଲମ୍ବିତ

ଯାଜପୁର ଟାଉନ,୨।୮(ଡିଏନଏ)

ଜିଲା ପରିଷଦ ଷ୍ଟେନୋ ଭାବେ କାର୍ଯ୍ୟରତ ବରିଷ୍ଠ ଷ୍ଟେନୋଗ୍ରାଫର ସଞ୍ଜୟ କୁମାର ପଣ୍ଡାଙ୍କୁ ଗୁରୁବାର ଜିଲାପାଳ ନିଲମ୍ବିତ କରିଛନ୍ତି। ପଦବୀରେ ପ୍ରଭାବ ବିସ୍ତାର କରି କ୍ଷମତାର ଦୁରୁପଯୋଗ କରିବା, କର୍ତ୍ତବ୍ୟରେ ଅବହେଳା କରିବା ଆରୋପରେ ପଣ୍ଡାଙ୍କୁ ଜିଲାପାଳ ତାଙ୍କ ପତ୍ରସଂଖ୍ୟା ୩୭୫୬/୩୧।୭।୨୦୧୯ ଅନୁଯାୟୀ ନିଲମ୍ବିତ କରିବା ସହ ପଣ୍ଡାଙ୍କୁ କଳିଙ୍ଗନଗର ଅତିରିକ୍ତ ଜିଲାପାଳଙ୍କ କାର୍ଯ୍ୟାଳୟକୁ ପରବର୍ତ୍ତୀ ଆଦେଶ ପର୍ଯ୍ୟନ୍ତ ବଦଳି କରାଯାଇଛି।

## ଶହୀଦ୍ ଭଗତ୍ ସିଂ ଯୁବକ ସଂଘ ପକ୍ଷରୁ ଧାରଣା


ଶହୀଦ୍ ଭଗତ୍ ସିଂ ଯୁବକ ସଂଘ ପକ୍ଷରୁ ଧାରଣା ଦିଆଯାଇଛି ।

ଯାଜପୁର ରୋଡ,୨।୮(ନି.ପ୍ର)

ଯାଜପୁର ରୋଡ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ରୋଗୀ ସେବା ବିପର୍ଯ୍ୟସ୍ତ ହୋଇପଡିଛି। ଡାକ୍ତରଖାନାରେ ଡାକ୍ତର ଅଭାବ ଓ ଏହି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରକୁ ଶହେ ଶଯ୍ୟା ବିଶିଷ୍ଟ କରି ସବ୍‌ଡିଭିଜନାଲ ହସ୍ପିଟାଲ ମାନ୍ୟତା ଦେବା ଆଦି ୯ ଦଫା ଦାବିରେ ଶୁକ୍ରବାର ଶହୀଦ୍ ଭଗତ୍ ସିଂ ଯୁବକ ସଂଘ ପକ୍ଷରୁ ସ୍ଥାନୀୟ କଳିଙ୍ଗନଗର ଅତିରିକ୍ତ ଜିଲାପାଳ (ଏଡିଏମ୍)ଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଦିବାରାତ୍ରି ଗଣଧାରଣା ଦିଆଯାଇଛି। ସଂଘ ସଭାପତି ରାଜେନ୍ଦ୍ର ବିଶ୍ୱାଳଙ୍କ ନେତୃତ୍ୱରେ ଦିଆଯାଇଥିବା ଏହି ଧାରଣାରେ ଅନେକ ବୁଦ୍ଧିଜୀବୀ, ବିଭିନ୍ନ ସ୍ୱେଚ୍ଛାସେବୀ ସଂଗଠନ ସାମିଲ ହୋଇଛନ୍ତି। ଯୁବକ ସଂଘ ପକ୍ଷରୁ ଏ ସମ୍ପର୍କରେ ଜିଲା ପ୍ରଶାସନ ଓ ଜିଲା ଚିକିତ୍ସା ଅଧିକାରୀଙ୍କୁ ଅବଗତ କରାଇଥିଲେ ମଧ କୌଣସି ସୁଫଳ ନ ମିଳିବାରୁ ଯୁବକ ସଂଘ ଗଣଧାରଣାକୁ ଓହ୍ଲାଇଛି। ଏହି ଗଣଧାରଣାରେ ସଂଘ ଉପଦେଷ୍ଟା ନାରାୟଣ ନାୟକ, ସାମାଜିକ କର୍ମୀ ବିଶ୍ୱଜିତ ମହାନ୍ତି, ଜୟନ୍ତୀ ଜେନା, ଜ୍ଞାନରଞ୍ଜନ ରାଉତ, ସୁରେଶ କୁମାର ହୋତା, ଚନ୍ଦ୍ରମଣି ସାମଲ, ନିରଞ୍ଜନ ଘଡେଇ, ଦୁଷ୍ମନ୍ତ ରାଉତ, ଅକ୍ଷୟ ନାୟକ ପ୍ରମୁଖ ବହୁ ବୁଦ୍ଧିଜୀବୀ ସାମିଲ ହୋଇଛନ୍ତି। ଦାବି ପୂରଣ ନ ହେବା ପର୍ଯ୍ୟନ୍ତ ଗଣଧାରଣା ଚାଲୁ ରହିବ ବୋଲି ସଂଘ ସଭାପତି ସୂଚନା ଦେଇଛନ୍ତି।

## ବରିଷ୍ଠ ମୋହରିରଙ୍କ ପରଲୋକ

ଯାଜପୁର ଟାଉନ,୨।୮(ଡିଏନଏ)

ଯାଜପୁର ଜିଲା ମୋହରିର ସଂଘର ପୂର୍ବତନ ସଭାପତି ତଥା ବରିଷ୍ଠ ମୋହରିର ରାଇଚରଣ ବିଶ୍ୱାଳ (୮୩)ଙ୍କର ଶୁକ୍ରବାର ଭୁବନେଶ୍ୱରସ୍ଥିତ ଏକ ଘରୋଇ ଡାକ୍ତରଖାନାରେ ପରଲୋକ ହୋଇଯାଇଛି। ସ୍ୱର୍ଗତ ବିଶ୍ୱାଳ ଦୀର୍ଘ ବର୍ଷ ଧରି ଯାଜପୁର କୋର୍ଟରେ ଉଭୟ ଦେୱାନୀ ଓ ଫୌଜଦାରୀ ବିଚାର ବିଭାଗରେ ମୋହରିର ଭାବେ କାର୍ଯ୍ୟ କରି ସୁନାମ ଅର୍ଜନ କରିଥିଲେ। ସ୍ୱର୍ଗତ ବିଶ୍ୱାଳ ଜଣେ ସୁସଂଗଠକ, ମେଳାପୀ, ବନ୍ଧୁବତ୍ସଳ ଓ ପରୋପକାରୀ ବ୍ୟକ୍ତିଭାବେ ଜଣାଶୁଣା ଥିଲେ। ତାଙ୍କ ମୃତ୍ୟୁ ଖବର ପ୍ରଚାରିତ ହେବାପରେ ଯାଜପୁର ଜିଲା କୋର୍ଟର ଓକିଲ ଓ ମୋହରିର ମହଲରେ ଶୋକର ଛାୟା ଖେଳିଯାଇଛି। ତାଙ୍କ ମୃତଦେହକୁ ଶୁକ୍ରବାର ଯାଜପୁର କୋର୍ଟ ପରିସରକୁ ଅଣାଯାଇଥିବାବେଳେ ତାଙ୍କୁ ଓକିଲ ସଂଘ ଓ ମୋହରିର ସଂଘ ପକ୍ଷରୁ ପୁଷ୍ପଗୁଚ୍ଛ ପ୍ରଦାନ କରାଯାଇ ଶେଷ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା।

■ମହାମାୟୀ ଉଚ୍ଚ ବିଦ୍ୟାଳୟ ଦାମୋଦରପୁର ଆଣ୍ଡ ମଙ୍ଗଳପୁର

## ଶିକ୍ଷକ ଅଭାବରୁ ବାଧାପ୍ରାପ୍ତ ହେଉଛି ଶିକ୍ଷାଦାନ

ସୁକିନ୍ଦା,୨।୮(ଡି.ଏନ୍.ଏ.)



ଯାଜପୁର ଜିଲା ସୁକିନ୍ଦା ବ୍ଲକ ଅନ୍ତର୍ଗତ ମହାମାୟୀ ଉଚ୍ଚ ବିଦ୍ୟାଳୟ ଦାମୋଦରପୁର ଆଣ୍ଡ ମଙ୍ଗଳପୁରରେ ଶିକ୍ଷାଦାନ ପ୍ରଭାବିତ ହୋଇଥିବା ଅଭିଯୋଗ ହୋଇଛି। ବିଦ୍ୟାଳୟରେ ନବମ, ଦଶମ ଶ୍ରେଣୀର ପାଖାପାଖି ୨୫୦ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ସେମାନଙ୍କ ପାଠ ପଢାଇବା ପାଇଁ ପ୍ରାରମ୍ଭରୁ ବିଏ ବିଇଡି ପ୍ରାପ୍ତ ରାମଚନ୍ଦ୍ର ଖିଲାର, ଜୟଶ୍ରୀ ସିଂ ସାମନ୍ତ, ପ୍ରତାପ ଚନ୍ଦ୍ର ପାତ୍ର ପ୍ରମୁଖ ଶିକ୍ଷକଙ୍କୁ ନିଯୁକ୍ତି ମିଳିଥିଲା। ହେଲେ ୪ ବର୍ଷ ହେବ ପ୍ରତାପ ଚନ୍ଦ୍ର ଡିପ୍ଲୋମାଟରେ(ଅନ୍ୟତ୍ର) ଯାଜପୁର ରୋଡର ଧବଳଗିରି ବିଦ୍ୟାଳୟରେ ପାଠ ପଢାଉଛନ୍ତି। ଫଳରେ ଏବେ ପ୍ରଧାନ ଶିକ୍ଷକଙ୍କ ସମେତ ମାତ୍ର ୨ ଜଣ ବିଏ ବିଇଡି ପ୍ରାପ୍ତ ଶିକ୍ଷକ ଶିକ୍ଷାଦାନ କରୁଥିବାରୁ ଶିକ୍ଷାଦାନ ବାଧାପ୍ରାପ୍ତ ହେଉଛି। ଅପରପକ୍ଷେ ଡିପ୍ଲମାଟରେ ଅନ୍ୟତ୍ର ପାଠ ପଢାଉଥିଲେ ମଧ ପ୍ରତାପ ମହାମାୟୀ ଉଚ୍ଚ ବିଦ୍ୟାଳୟରୁ ଦରମା ପାଇଆସୁଛନ୍ତି। ଏ ନେଇ କିଛିଦିନ ତଳେ ଅଭିଭାବକ ଓ ବିଦ୍ୟାଳୟ କର୍ତ୍ତୃପକ୍ଷଙ୍କ ମଧ୍ୟରେ ଆଲୋଚନା କରାଯାଇ ଡିପ୍ଲମାଟରେ ଯାଇଥିବା ଶିକ୍ଷକ କିମ୍ବା ତାଙ୍କ ବଦଳରେ ଅନ୍ୟ କୌଣସି ଶିକ୍ଷକଙ୍କୁ ବିଦ୍ୟାଳୟରେ ନିୟୋଜିତ କରିବା ପାଇଁ ଦାବି କରାଯାଇଥିଲା। ଏଥିସହ ରାଜ୍ୟ ସରକାରଙ୍କ ଶିକ୍ଷା ବିଭାଗ ଟୋଲ ଫ୍ରି ନମ୍ବରରେ ମଧ ଅଭିଯୋଗ କରିଥିଲେ। କିନ୍ତୁ କୌଣସି ସୁଫଳ ମିଳିପାରି ନ ଥିବା କହିଛନ୍ତି। ଏ ନେଇ ପ୍ରଧାନ ଶିକ୍ଷକଙ୍କୁ ପଚାରିବାରୁ ୧୫ଦିନ ମଧ୍ୟରେ ବୈଠକ ଡକାଯାଇ ପୁନର୍ବାର ଦାବି ଉପସ୍ଥାପନ କରାଯିବ ବୋଲି କହିଛନ୍ତି। ଏ ସମ୍ପର୍କରେ ଡିଇଓଙ୍କୁ ପଚାରିବାରୁ ପୁରୁଣା ବିଦ୍ୟାଳୟଗୁଡିକରେ ଶିକ୍ଷକ ନିଯୁକ୍ତି ବର୍ତ୍ତମାନ ହେଇପାରୁ ନାହିଁ । ଶିକ୍ଷକଙ୍କ ଆବଶ୍ୟକ ଥିବାରୁ ଉକ୍ତ ଶିକ୍ଷକ ଜଣଙ୍କ ଡିପ୍ଲୋମାଟରେ ପଢାଉଥାଇ ପାରନ୍ତି। ଘଟଣା ସମ୍ପର୍କରେ ଜାଣିବା ପରେ କିଛି କହି ପାରିବେ ବୋଲି କହିଛନ୍ତି। ଖୁବ୍‌ଶୀଘ୍ର ବିଦ୍ୟାଳୟରେ ଶିକ୍ଷକ ନିଯୁକ୍ତି ନ କଲେ ସମସ୍ତ ଛାତ୍ରୀଛାତ୍ରଙ୍କ ସହିତ ଅଭିଭାବକ ଆନ୍ଦୋଳନକୁ ଓହ୍ଲାଇବେ ବୋଲି ଚେତାବନୀ ଦେଇଛନ୍ତି।

**ସଂକ୍ଷେପରେ**



## ୨ ଦିନ ହେଲା ଯୋଗାଣ ହେଉଛି ଗୋଳିଆ ପାଣି

### ଜଣ୍ଡିସ୍ ଆଶଙ୍କାରେ ସହରବାସୀ

**ନୟାଗଡ଼ ଅଫିସ,୨୮-** ସ୍ୱଚ୍ଛ ପାଣି ଯୋଗାଇବାରେ ଜନସ୍ୱାସ୍ଥ୍ୟ ବିଭାଗର ବିଫଳତା ଦେଖିବାକୁ ମିଳିଛି। ଦୁଇଦିନ ହେଲା ନୟାଗଡ଼ ସହରର ସମସ୍ତ ପାଇପ୍‌ରେ ଗୋଳିଆ ପାଣି ଆସୁଛି। କାଦୁଅ ଓ ପଙ୍କ ମିଶା ପାଣି ଆସୁଥିବାରୁ ନା ଏହାକୁ ପିଇ ହେଉଛି ନା ବ୍ୟବହାର କରିହେଉଛି। ପିଇଲେ ରୋଗ ହେବା ସହିତ ବ୍ୟବହାର କଲେ ଚର୍ମ ରୋଗ ହେବା ସମ୍ଭାବନା ଥିବାରୁ ଏହାକୁ କେହି ବ୍ୟବହାର କରୁନାହାନ୍ତି। ଏହିଭଳି ଗୋଳିଆ ପାଣି ଯଦି ଆଉ କିଛିଦିନ ଧରି ଆସିବ ତେବେ ସହରରେ ଜଣ୍ଡିସ୍ ବ୍ୟାପିବା ସମ୍ଭାବନା ରହିଛି। ପ୍ରକାଶ ଯେ, ଖରାଦିନେ ଜନସ୍ୱାସ୍ଥ୍ୟ ବିଭାଗର ବେପାରୁଆ ନୀତି ଯୋଗୁ ପାଣି ପାଇଁ ସହରବାସୀ ନାହିଁ ନ ଥିବା ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଜନସ୍ୱାସ୍ଥ୍ୟ ବିଭାଗ ଦୁଇଦିନ ଛାଡ଼ି ଗୋଟିଏ ଦିନ ପାଣି ଯୋଗାଣ କରିବା ଯୋଗୁ ସହରବାସୀଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଥିଲା। ବର୍ଷାଦିନ ଆରମ୍ଭରୁ ସ୍ୱଚ୍ଛ ପାଣି ଯୋଗାଇବାରେ ବିଫଳ ହେଲାଣି ଜନସ୍ୱାସ୍ଥ୍ୟ ବିଭାଗ। ସୂଚନାଯୋଗ୍ୟ ମହାନଦୀର କଣ୍ଟିଲୋଠାରେ ପ୍ରତିଷ୍ଠା ହୋଇଥିବା ପ୍ରକଳ୍ପରୁ ସହରକୁ ଜଳଯୋଗାଣ ହେଉଛି। ଟ୍ରିଟ୍‌ମେଣ୍ଟ ପ୍ଲାଣ୍ଟରେ ଗଚ୍ଛିତ ପାଣିରେ ଫିଟିକିରି, ଚୂର୍ଣ୍ଣ ଓ କ୍ଲୋରିନ ପକାଇ ବିଶୋଧନ କରାଯିବା ପରେ ସହରକୁ ଯୋଗାଣ ହେବା କଥା। ମାତ୍ର କିଛିଦିନ ହେଲା ପ୍ୟୁରିଫାଏ (ବିଶୁଦ୍ଧୀକରଣ) କରା ନ ଯାଇ ସିଧାସଳଖ ମହାନଦୀ ପାଣିକୁ ସହରବାସୀଙ୍କୁ ଯୋଗାଇ ଦିଆଯାଉଛି। ଅନ୍ୟପଟେ ବିଶୁଦ୍ଧୀକରଣ ପାଇଁ ପ୍ରତି ମାସରେ ଲକ୍ଷାଧିକ ଟଙ୍କା ଆସୁଥିବାବେଳେ ସେ ସବୁ ଟଙ୍କା କେଉଁଆଡ଼େ ଯାଉଛି ତାହା ତଦନ୍ତ ସାପେକ୍ଷ। ଏ ନେଇ ଜନସ୍ୱାସ୍ଥ୍ୟ ବିଭାଗର କର୍ମଚାରୀଙ୍କୁ ପଚାରିଥିଲେ ମଧ୍ୟ ସେମାନେ କୌଣସି ଉତ୍ତର ଦେଇ ନ ଥିଲେ। ଜିଲାପାଳ ଏଥିପ୍ରତି ଦୃଷ୍ଟି ଦେବାକୁ ସହରବାସୀ ଦାବି କରିଛନ୍ତି।

# ଚଢ଼ା ଦରରେ ବିକ୍ରି ହେଉଛି ୟୁରିଆ

■ବସ୍ତା ପ୍ରତି ୨୬୬ ପରିବର୍ତ୍ତେ ନେଉଛନ୍ତି ୩୬୦ ଟଙ୍କା
■କଳାବଜାର ରୋକିବାକୁ ଚାଷୀଙ୍କ ଦାବି

**ନୟାଗଡ଼ ଅଫିସ,୨୮**

ନୟାଗଡ଼ ବ୍ଲକ ଇଟାମାଟିର ଏକ ସାର ବିକ୍ରୟ କେନ୍ଦ୍ରରୁ ଜଣେ ଚାଷୀ ଶୁକ୍ରବାର ୟୁରିଆ ବସ୍ତା ପିଛା ୩୬୦ ଟଙ୍କାରେ କିଣିଥିଲେ। ଚାଷୀ ଜଣକ ଏତେ ଟଙ୍କା କାହିଁକି ନେଉଛ ବୋଲି ପଚାରିବାରୁ ଦୋକାନୀ ଗାଡ଼ି ଖର୍ଚ୍ଚ ବାବଦକୁ ନିଆଯାଉଛି ବୋଲି କହିଥିଲେ। ଅନ୍ୟ ଉପାୟ ନ ଥିବାରୁ ଚାଷୀ ଜଣକ ସାର କିଣିବାକୁ ବାଧ୍ୟ ହୋଇଥିବା କହିଥିଲେ। କେବଳ ଇଟାମାଟି ନୁହେଁ ଜିଲାର ବିଭିନ୍ନ ସ୍ଥାନରେ ୟୁରିଆ ବସ୍ତା ପିଛା ୩୫୦ରୁ ୩୬୦ ଟଙ୍କାରେ ବିକ୍ରି ହେଉଛି। ସାରା ଦେଶରେ ଏହି ସାର ବସ୍ତାପିଛା ୨୬୬ ଟଙ୍କା ବିକ୍ରି କରିବା ପାଇଁ ନିୟମ ରହିଛି। ହେଲେ ବେପାରୀମାନେ ମନଇଚ୍ଛା ଦରରେ ବିକ୍ରି କରୁଛନ୍ତି। ଅନ୍ୟ ସାର ଠିକ୍ ମୂଲ୍ୟରେ ମିଳୁଥିବା ବେଳେ ୟୁରିଆ ଚଢ଼ା ଦରରେ ବିକ୍ରି ହେଉଥିବା ଦେଖିବାକୁ ମିଳିଛି। ଜିଲାରେ ସ୍ୱଳ୍ପ ବର୍ଷା ସାଙ୍ଗକୁ ଚାଷ ଆରମ୍ଭରୁ ସାର କଳାବଜାର ଚାଷୀଙ୍କ ଚିନ୍ତା ବଢ଼ାଇ ଦେଇଛି। ଏହି ପରିପ୍ରେକ୍ଷୀରେ ଜିଲା ପ୍ରଶାସନ ଏଥିରେ ହସ୍ତକ୍ଷେପ କରି ସାର କଳାବଜାର ରୋକିବା ପାଇଁ ଚାଷୀମାନେ ଦାବି କରିଛନ୍ତି।



ଏକ ସମବାୟ ସମିତିର ଗୋଦାମ ଘର ଭଗ୍ନ ଅବସ୍ଥାରେ।



ନୟାଗଡ଼ର ଏକ ହୋଲସେଲର କାଉଣ୍ଟରରେ ବିକ୍ରି ହେବାକୁ ଥିବା ସାର।

### ୭ କମ୍ପାନୀ ସହିତ ହୋଇଛି ଚୁକ୍ତି

ଚଳିତବର୍ଷ ନୟାଗଡ଼ ଜିଲାରେ ୧ ଲକ୍ଷ ୩ ହଜାର ହେକ୍ଟର ଜମିରେ ଚାଷ କରାଯାଇଛି। ଜିଲାର ଚାଷୀମାନଙ୍କୁ ସାର ଯୋଗାଇଦେବା ପାଇଁ ୭ କମ୍ପାନୀ ସହିତ ଚୁକ୍ତି କରାଯାଇଛି। ସେଗୁଡିକ ହେଲା ସିଆଇଏଲ୍, ଜିଏସ୍ଏଫ୍‌ସି, ଇଫ୍‌କୋ, ଆଇପିଏଲ୍, ଏନ୍ଏଫ୍‌ସିଏଲ୍, ଏନ୍ଏଫ୍ଏଲ୍ ଓ ପିପିଏଲ୍। ସାର ବିକ୍ରୟ ପାଇଁ ୧୧ଟି ଘରୋଇ ହୋଲସେଲର କାଉଣ୍ଟର ଓ ୨୪୮ଟି ରିଟେଲର କାଉଣ୍ଟର ରହିଛି। ସେହିଭଳି ୯୭ଟି ପ୍ରାଥମିକ ସେବା ସମବାୟ ସମିତି (ପ୍ୟାକ୍ସ)ରେ ୟୁରିଆ, ଏନ୍‌ପିକେ, ଡିଏପି, ଗ୍ରୋମୋର ଆଦି ସାର ବିକ୍ରୟ କରାଯାଉଛି। କଳାବଜାର ସହ ଚାଷୀମାନେ ଯେପରି ସାର ପାଇବାରେ ଅସୁବିଧା ନ ଭୋଗନ୍ତି ସେଥିପ୍ରତି ସମବାୟ ସଂସ୍ଥାଗୁଡ଼ିକ ନଜର ରଖିବାକୁ କୁହାଯାଇଛି। ମାତ୍ର ଜିଲାରେ ଥିବା ସମବାୟ ସଂସ୍ଥା ଏଥିପ୍ରତି ଧ୍ୟାନ ଦେଉ ନ ଥିବା ଚାଷୀମାନେ ଅଭିଯୋଗ କରୁଛନ୍ତି। ଜିଲାରେ ମୋଟ ୫ ହଜାର ମେଟ୍ରିକ୍ ଟନ୍ ୟୁରିଆ ଆବଶ୍ୟକ ଥିବାବେଳେ ବର୍ତ୍ତମାନ ସୁଦ୍ଧା ୩ ହଜାର ମେଟ୍ରିକ୍ ଟନ୍ ଯୋଗାଇ ଦିଆଯାଇଛି। ଅନ୍ୟାନ୍ୟ ସାର ଆବଶ୍ୟକତା ଅନୁସାରେ ମହଜୁଦ ରହିଛି। ସାର ଚଢ଼ା ଦରରେ ବିକ୍ରି ହେବା ନେଇ ଦାୟିତ୍ୱରେ ଥିବା ନୟାଗଡ ଡିଡିଏ ଲକ୍ଷ୍ମୀ ନାରାୟଣ ଦାସଙ୍କୁ ପଚାରିବାରୁ ସେ କହନ୍ତି, ଯେଉଁମାନେ ସାର କଳାବଜାର କରୁଥିବେ ବିଭାଗ ପକ୍ଷରୁ ଚଢ଼ାଉ କରାଯାଇ ସେମାନଙ୍କ ଉପରେ କାର୍ଯ୍ୟାନୁଷ୍ଠାନ ନିଆଯିବ।

### କାହିଁକି ଚଢ଼ା ଦରରେ ବିକ୍ରୟ ହେଉଛି

ୟୁରିଆ ବସ୍ତା ପିଛା ୨୬୬ ଟଙ୍କାରେ ବିକ୍ରୟ ହେବା କଥା। ପ୍ୟାକେଟରେ ମଧ୍ୟ ଏହି ଦାମ୍ ଉଲ୍ଲେଖ ରହିଛି। ଜିଲାରେ ସାର ମହଜୁଦ ରଖିବା ପାଇଁ ବିଭିନ୍ନ କମ୍ପାନୀର ର୍‌ୟାକ ପଏଣ୍ଟ ନ ଥିବାରୁ ସରକାରୀ ଓ ବେସରକାରୀ ଡିଲରମାନେ ବ୍ରହ୍ମପୁର ଓ କଟକ ଗୋଦାମରୁ ଆଣୁଛନ୍ତି। ଫଳରେ ପରିବହନ ବାବଦକୁ ସାର ବସ୍ତା ପିଛା ୨୦ ଟଙ୍କା ଖର୍ଚ୍ଚ ହେଉଛି। ଏହା ପରେ ଜିଲାର ଅନ୍ୟ ବ୍ଲକକୁ ପରିବହନ ହେବା ଦ୍ୱାରା ଆଉ ୨୦ ଟଙ୍କା ଅଧିକ ଖର୍ଚ୍ଚ ହେଉଛି। ଏହିଭଳି ସାର ବସ୍ତା ପିଛା ୩୦୬ ଟଙ୍କା ପଡୁଛି। ବେପାରୀମାନେ ୨୦ଟଙ୍କା ଲାଭ ରଖି ବିକ୍ରୟ କରିବା କଥା। ମାତ୍ର ତାହା ନ କରି କେଉଁଠି ୩୫୦ ତ ଆଉ କେଉଁଠି ୩୬୦ ଟଙ୍କାରେ ବିକ୍ରୟ କରୁଛନ୍ତି। ଏପରି କି ଦୋକାନୀମାନେ ମଧ୍ୟ ଚାଷୀମାନଙ୍କୁ ରସିଦ୍ ଦେଉନାହାନ୍ତି। କାରଣ ରସିଦ୍ ଦେଲେ ସେମାନଙ୍କୁ ୨୬୬ ଟଙ୍କାର ଦେବାକୁ ପଡ଼ିବ।

### ୯୭ ପ୍ୟାକ୍ସ କରିନାହାନ୍ତି ଲାଇସେନ୍ସ

ନୟାଗଡ଼ ଜିଲାରେ ଥିବା ୧୪୭ ପ୍ୟାକ୍ସରୁ ୯୭ଟି ସାର ବିକ୍ରୟ ପାଇଁ ଲାଇସେନ୍ସ କରିନାହାନ୍ତି। ବାକି ୫୦ଟି ସମିତି ଲାଇସେନ୍ସ କରିଛନ୍ତି। ଉକ୍ତ ୯୭ ସେବା ସମବାୟ ସମିତିରୁ ଅଧିକାଂଶଙ୍କ ଗୋଦାମ ଘର ନ ଥିବା ଓ କିଛି ସମିତି ଭଙ୍ଗା ଘରେ ଚାଲୁଥିବାରୁ ସେମାନେ ସାର ବିକ୍ରୟ ପାଇଁ ଲାଇସେନ୍ସ କରି ନ ଥିବା ଜଣାପଡ଼ିଛି। ସମିତି ସମ୍ପାଦକମାନେ ଲାଇସେନ୍ସ କରି ନ ଥିବାରୁ ଘରୋଇ ଲାଇସେନ୍ସପ୍ରାପ୍ତ ଦେକାନୀମାନେ ମନଇଚ୍ଛା ଚଢ଼ା ଦରରେ ସାର ବିକ୍ରୟ କରୁଛନ୍ତି।

## ଯୁବତୀଙ୍କୁ ପ୍ରତାରଣା ଘଟଣା ପ୍ରେମିକାଙ୍କୁ ବିବାହ ପରେ ବି ଯବାନଙ୍କୁ ଜେଲ୍

**ଭାପୁର,୨୮(ଡି.ଏନ୍.ଏ.)**

ଫତେଗଡ଼ ଥାନା ଅନ୍ତର୍ଗତ ସିଆର୍‌ପିଏଫ୍ ଯବାନ ଜଣେ ଯୁବତୀଙ୍କୁ ପ୍ରେମ କରି ପ୍ରତାରଣା କରିଥିବା ଅଭିଯୋଗ ହୋଇଥିଲା। ଏ ଘଟଣା ନେଇ ଯୁବତୀ ଥାନାରେ ଅଭିଯୋଗ କରିଥିଲେ। ତେବେ ପରବର୍ତ୍ତୀ ସମୟରେ ପ୍ରେମିକାଙ୍କୁ ବିବାହ କରିଥିଲେ ମଧ୍ୟ ଯବାନଙ୍କୁ ଶୁକ୍ରବାର ଜେଲ୍ ଯିବାକୁ ପଡ଼ିଛି। ଏହି ଥାନା ଅନ୍ତର୍ଗତ ଗୋଳାପୋଖରୀ ପଞ୍ଚାୟତ ବେଗୁନିଆ ଗ୍ରାମର ସିଆର୍‌ପିଏଫ୍ ଯବାନ ଆକାଶ ସ୍ୱାଇଁ ଜଣେ ଯୁବତୀଙ୍କୁ ଭଲ ପାଇଥିଲେ। ତାଙ୍କ ସହ ଦୀର୍ଘଦିନ ସମ୍ପର୍କ ରଖିଥିଲେ ମଧ୍ୟ ବିବାହ ନ କରି ପ୍ରତାରଣା କରୁଥିବା ନେଇ ପ୍ରେମିକା ଜଣକ ଫତେଗଡ଼ ଥାନାରେ ଲିଖିତ ଅଭିଯୋଗ କରିଥିଲେ। ଅଭିଯୋଗକ୍ରମେ ପୋଲିସ କେସ୍ ନଂ ୯୦/୧୯ରେ ତଦନ୍ତ କରିଥିଲା। ଏତଲାର ୨ ମାସ ପରେ ଉଭୟ ପରିବାରଙ୍କ ସହମତିରେ ଯବାନ ତାଙ୍କ ପ୍ରେମିକାଙ୍କୁ ବିବାହ କରିଥିଲେ। ଏବେ ଫତେଗଡ଼ ପୋଲିସ ଯବାନଙ୍କୁ ନୟାଗଡ଼ ଆଡ଼ିସ୍‌ନାଲ ଜିଲା ଜଜ୍‌କୋର୍ଟରେ ହାଜର କରିଛି। ପ୍ରେମିକା ଥାନାକୁ ଯାଇ ସେ ବୈଦିକ ରୀତିରେ ବିବାହ କରିଥିବା ଦର୍ଶାଇ ତାଙ୍କ ସ୍ୱାମୀଙ୍କୁ ଛାଡ଼ିଦେବାକୁ ଅନୁରୋଧ କରିଥିଲେ। ଖବର ହସ୍ତଗତ ହେବା ପର୍ଯ୍ୟନ୍ତ ପୋଲିସ ଯବାନଙ୍କୁ ଛାଡି ନ ଥିବାରୁ ଏ ନେଇ ଚର୍ଚ୍ଚା ଜୋର୍‌ଧରିଛି।

## ତହସିଲ କର୍ମଚାରୀଙ୍କ କଲମଛାଡ଼ ଆନ୍ଦୋଳନ

**ଦଶପଲ୍ଲା, ୨୮ (ଡି.ଏନ.ଏ.)**

ଦଶପଲ୍ଲା ତହସିଲ କାର୍ଯ୍ୟାଳୟକୁ ଲାଗିରହିଥିବା ବାର୍ ରୁମ୍, ନୋଟାରୀ ଓ ମୋହରିର ଘର ସମ୍ମୁଖରେ ପାଚେରି ନିର୍ମାଣ ପାଇଁ ଗାତ ଖୋଳିବାକୁ ନେଇ ତହସିଲଦାର ଓ ଓକିଲଙ୍କ ମଧ୍ୟରେ ବିବାଦ ଦେଖାଦେଇଛି। ଏହାକୁ ନେଇ ତହସିଲ କାର୍ଯ୍ୟାଳୟର ସମସ୍ତ କର୍ମଚାରୀ ଶୁକ୍ରବାର କଲମଛାଡ କରି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଫଳରେ ତହସିଲ ଓ ଆର୍ଆଇ କାର୍ଯ୍ୟାଳୟରେ ଦୈନିକ କାର୍ଯ୍ୟ ଠପ୍ ହୋଇଯାଇଛି। ପ୍ରକାଶ ଯେ, ରାଜାରାଜୁଡା ସମୟରୁ ଦଶପଲ୍ଲା ତହସିଲ ଅଫିସରେ ଓକିଲମାନଙ୍କ କୋର୍ଟ କାର୍ଯ୍ୟ ଚାଲିଆସୁଛି। ପରବର୍ତ୍ତୀ ସମୟରେ ଦଶପଲ୍ଲାରେ ନୂତନ କୋର୍ଟ ବିଲ୍ଡିଂ ହେବା ପରେ ଏଠାରେ ଚାଲିଆସୁଥିବା କୋର୍ଟ ସ୍ଥାନାନ୍ତର କରାଯାଇଛି। ପୂର୍ବ ସ୍ଥାନକୁ ଓକିଲମାନେ ବାର୍‌ରୁମ୍ ଭାବେ ବ୍ୟବହାର କରିବା ସହ ପଛ ପାର୍ଶ୍ୱରେ ନୋଟାରୀ ଗୃହ ଓ ମୋହରୀରମାନେ ବସି ସେମାନଙ୍କ କାର୍ଯ୍ୟ କରିଆସୁଛନ୍ତି। ଦୀର୍ଘବର୍ଷ ହେଲା କାର୍ଯ୍ୟ କରିଆସୁଥିଲେ ମଧ୍ୟ ଓକିଲଙ୍କ ସହ କୌଣସି ଆଲୋଚନା କରା ନ ଯାଇ ତହସିଲଦାର ଏହି ଘର ସମ୍ମୁଖରେ ପାଚେରି ନିର୍ମାଣ ପାଇଁ ଗୁରୁବାର ଗାତ ଖୋଳିଥିବା ସେମାନେ କହିଛନ୍ତି। ଏ ସମ୍ପର୍କରେ ଓକିଲମାନେ ଦଶପଲ୍ଲା ଥାନା ଅଧିକାରୀଙ୍କୁ ଅବଗତ କରିବାରୁ ସେ ଆପୋସ ଆଲୋଚନା ପାଇଁ କହିଥିଲେ। ସନ୍ଧ୍ୟାରେ ଏସବୁ ଘରକୁ ଜେସିବି ଲଗାଇ ଭାଙ୍ଗିବା ପାଇଁ ଉଦ୍ୟମ କରାଯାଉଥିବା ଖବରପାଇ ଆଇନଜୀବୀ ପହଞ୍ଚିଥିଲେ। ଫଳରେ ଉଭୟଙ୍କ ମଧ୍ୟରେ ମୁହାଁମୁହିଁ ପରିସ୍ଥିତି ଉପୁଜିଥିଲା। ଥାନା ଅଧିକାରୀ ବିଶ୍ୱଜିତ୍ ରାଉତରାୟ ଘଟଣାସ୍ଥଳରେ ପହଞ୍ଚି ଉଭୟଙ୍କୁ ବୁଝାଶୁଝା କରିଥିଲେ। ରାତିରେ ବୈଠକ ପରେ ଶୁକ୍ରବାର ତହସିଲ ଅଫିସର ସମସ୍ତ କର୍ମଚାରୀ କାର୍ଯ୍ୟବନ୍ଦ କରି କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଛନ୍ତି। ଫଳରେ ବିଭିନ୍ନ କାର୍ଯ୍ୟ ପାଇଁ ତହସିଲ କାର୍ଯ୍ୟାଳୟକୁ ଆସିଥିବା ଜନସାଧାରଣ ଓ ଛାତ୍ରୀଛାତ୍ର ବହୁ ଅସୁବିଧାର ସମ୍ମୁଖୀନ ହୋଇଥିଲେ। ଏ ସମ୍ପର୍କରେ ଉଭୟଙ୍କ ପକ୍ଷରୁ ଥାନାରେ କୌଣସି ଅଭିଯୋଗ ହୋଇନାହିଁ।



ତହସିଲ କର୍ମଚାରୀଙ୍କ ଧାରଣା।

## ଶିକ୍ଷାବିତ୍‌ଙ୍କ ବିୟୋଗରେ ସ୍ମୃତିଚାରଣ

**ଭାପୁର,୨୮(ଡି.ଏନ.ଏ.)**

ଭାପୁର ବ୍ଲକ ବାଇଗୁଣିଆ ଗ୍ରାମର ତନ୍ତୁବାୟ ସହଯୋଗ ବିଦ୍ୟାଳୟର ଅବସରପ୍ରାପ୍ତ ଶିକ୍ଷକ ଓ ନାଟ୍ୟ ନିର୍ଦ୍ଦେଶକ କୁଳମଣୀ ପ୍ରଧାନଙ୍କ ଅକାଳ ବିୟୋଗରେ ଶୁକ୍ରବାର ଏକ ସ୍ମୃତିଚାରଣ ସଭା ଅନୁଷ୍ଠିତ ହୋଇଯାଇଛି। ଦୀର୍ଘ ୩୦ ବର୍ଷ ଚାକିରି କରିବା ପରେ ସେ ଗତବର୍ଷ ଅବସର ଗ୍ରହଣ କରିଥିଲେ। ତାଙ୍କ ବିୟୋଗରେ ସ୍ଥାନୀୟ ଅଞ୍ଚଳରେ ଶୋକର ଛାୟା ଖେଳିଯାଇଛି। ସ୍ୱର୍ଗତ ପ୍ରଧାନଙ୍କ ନିର୍ଦ୍ଦେଶନାରେ ବହୁ ସାମାଜିକ, ପୌରାଣିକ ନାଟକ ମଞ୍ଚସ୍ଥ ହୋଇଥିଲା। ବିଦ୍ୟାଳୟ ପରିସରରେ ପ୍ରଧାନ ଶିକ୍ଷୟିତ୍ରୀ ସବିତା ପରିଡ଼ାଙ୍କ ସଭାପତିତ୍ୱରେ ସ୍ମୃତିଚାରଣ ସଭା ଆୟୋଜିତ ହୋଇଥିଲା। ଶିକ୍ଷକ କାର୍ତ୍ତିକ ଚନ୍ଦ୍ର ଦଳେଇ ସଭାର ସଂଯୋଜନା କରିଥିଲେ। ଶିକ୍ଷକ ବଳରାମ ବରାଡ଼, ଶିକ୍ଷୟିତ୍ରୀ ସନ୍ଧ୍ୟାରାଣୀ ପ୍ରଧାନ, ଅର୍ପିତା ନାୟକ, ମୋହନ ନାୟକ ଓ ବିଦ୍ୟାଳୟର ସମସ୍ତ କର୍ମଚାରୀ ଏବଂ ଛାତ୍ରୀଛାତ୍ର ୨ ମିନିଟ୍ ନୀରବ ପ୍ରାର୍ଥନା କରି ତାଙ୍କ ଆତ୍ମାର ସଦ୍‌ଗତି କାମନା କରିଥିଲେ।

## ଶ୍ରମ ଆଇନ ସଂଶୋଧନ ବିରୋଧରେ ବିକ୍ଷୋଭ




ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

**ନୟାଗଡ଼ ଅଫିସ,୨୮**

କେନ୍ଦ୍ର ସରକାରଙ୍କ ଶ୍ରମ ଆଇନ ସଂଶୋଧନ ବିରୋଧରେ ଶୁକ୍ରବାର ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ସିଆଇଟିୟୁ (ସିଟୁ) ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଇଥିଲା। ଶ୍ରମ ଆଇନ ସଂଶୋଧନ ବାତିଲ କରିବା, ସର୍ବନିମ୍ନ ମଜୁରି ୨୦ ହଜାର ଟଙ୍କା କରିବା ଓ ଶ୍ରମିକମାନଙ୍କୁ ସାମାଜିକ ନିରାପତ୍ତା ଯୋଗାଇଦେବା ଭଳି ୩ ଦଫା ଦାବିରେ ସିଟୁ ପକ୍ଷରୁ ଧାରଣା ସହ ବିକ୍ଷୋଭ କରାଯାଇଥିଲା। କେନ୍ଦ୍ରୀୟ ଟ୍ରେଡ୍ ୟୁନିୟନ ଡାକରାରେ ନୟାଗଡ଼ ଜିଲା ସିଟୁ କର୍ମୀମାନେ ବସ୍‌ଷ୍ଟାଣ୍ଡଠାରୁ ଏକ ଶୋଭାଯାତ୍ରାରେ ବାହାରି ଜିଲାପାଳଙ୍କ କାର୍ଯ୍ୟାଳୟ ପର୍ଯ୍ୟନ୍ତ ଆସିଥିଲେ। ସେଠାରେ ଏକ ପ୍ରତିବାଦ ସଭା କରି କେନ୍ଦ୍ର ସରକାରଙ୍କ ବିରୋଧରେ ବର୍ଷିଥିଲେ। ପରେ ରାଷ୍ଟ୍ରପତିଙ୍କ ଉଦ୍ଦେଶ୍ୟରେ ଜିଲାପାଳଙ୍କୁ ଏକ ଦାବିପତ୍ର ପ୍ରଦାନ କରିଥିଲେ। ସିଟୁର ଜିଲା ସମ୍ପାଦକ ଶରତ ବେହେରାଙ୍କ ନେତୃତ୍ୱରେ ବିଶ୍ୱନାଥ ମହାପାତ୍ର, ସୁରେଶ ଚନ୍ଦ୍ର ସ୍ୱାଇଁ, ଏସ୍.ଏ. କରିମ, ପବିତ୍ର ଇନ୍ଦ୍ରଜିତ, ଜ୍ୟୋତିପ୍ରଭା ଜେନା ପ୍ରମୁଖ ସମାବେଶରେ ସାମିଲ ହୋଇଥିଲେ।

## କଲେଜ ଅଧ୍ୟକ୍ଷଙ୍କୁ ଗାଳିଗୁଲଜ ଓ କର୍ମଚାରୀଙ୍କୁ ଆକ୍ରମଣ କରି ପୂର୍ବତନ ଛାତ୍ର ଗିରଫ

**ଖଣ୍ଡପଡା,୨୮(ସ୍ୱ.ପ୍ର.)**

ଖଣ୍ଡପଡା ବ୍ଲକ ଅନ୍ତର୍ଗତ ନୀଳମାଧବ ମହାବିଦ୍ୟାଳୟର ଅଧ୍ୟକ୍ଷଙ୍କୁ ଗୁରୁବାର ଜଣେ ପୂର୍ବତନ ଛାତ୍ର ଗାଳି ଗୁଲଜ କରିବା ସହ ୨ଜଣ କର୍ମଚାରୀଙ୍କୁ ଆକ୍ରମଣ କରିଥିବା ଅଭିଯୋଗ ହୋଇଥିଲା। ଏହି ଘଟଣାରେ କଣ୍ଟିଲୋ ପୋଲିସ ସମ୍ପୃକ୍ତ ଯୁବକଙ୍କୁ ଗିରଫ କରିବା ସହ ଶୁକ୍ରବାର କୋର୍ଟ ଚାଲାଣ କରିଛି।

ଗୁରୁବାର ଅପରାହ୍ନ ପ୍ରାୟ ସାଢ଼େ ୩ଟାରେ କଲେଜ ପରିସରରେ କର୍ମଚାରୀଙ୍କ ଏକ ବୈଠକ ଚାଲିଥିଲା। ଏହି ସମୟରେ ହଟବର ବେହେରା ନାମକ ପୂର୍ବତନ ଛାତ୍ର କଲେଜ ପରିସରରେ ପହଞ୍ଚି ଅଧ୍ୟକ୍ଷ ଏବଂ କର୍ମଚାରୀଙ୍କୁ ଗାଳି ଗୁଲଜ କରିଥିଲେ। କଲେଜର କିଛି କର୍ମଚାରୀ ଏହାର ପ୍ରତିବାଦ କରିଥିଲେ। ଫଳରେ ସମ୍ପୃକ୍ତ ଛାତ୍ର କଲେଜ ଧନ୍ଦାମୂଳକ ଶିକ୍ଷା ବିଭାଗ କିରାଣୀ ବୀରେନ୍ଦ୍ର କୁମାର ମିଶ୍ର ଓ ଲାଇବ୍ରେରୀ ବିଭାଗ ଆଟେଣ୍ଡାଣ୍ଟ ଶୁକଦେବ ବେହେରାଙ୍କୁ ମାଡ଼ ମାରିଥିଲେ। ଏହାର ପ୍ରତିବାଦ କରି ସମସ୍ତ ଶିକ୍ଷକ ଓ ଅଣଶିକ୍ଷକ କର୍ମଚାରୀ କଣ୍ଟିଲୋ ଫାଣ୍ଡିରେ ଅଭିଯୋଗ କରିଥିଲେ। ଫାଣ୍ଡି ଅଧିକାରୀ ଜୟ ପ୍ରକାଶ ପରିଡ଼ା ଘଟଣାସ୍ଥଳରେ ପହଞ୍ଚି ହଟବରଙ୍କୁ ଗିରଫ କରିଥିଲା। ଏ ନେଇ ଖଣ୍ଡପଡ଼ା ଥାନାରେ ନଂ ୧୪୧/୧୯ରେ ଏକ ମାମଲା ରୁଜୁ କରାଯିବା ସହ ସଂପୃକ୍ତ ଯୁବକଙ୍କ ବିରୁଦ୍ଧରେ ବିଭିନ୍ନ ଦଫା ଲଗାଯାଇ ଶୁକ୍ରବାର କୋର୍ଟ ଚାଲାଣ କରାଯାଇଥିଲା। ଯୁବକଙ୍କ ଜାମିନ ନାମଞ୍ଜୁର ହେବାରୁ ତାଙ୍କୁ ଜେଲ ହାଜତକୁ ପଠାଇ ଦିଆଯାଇଥିବା ଖଣ୍ଡପଡା ଆଇଆଇସି ବିମଳ କୁମାର ମଲ୍ଲିକ ସୂଚନା ଦେଇଛନ୍ତି।

କଲେଜ ମଧ୍ୟରେ ବିଭିନ୍ନ ସମୟରେ ଅଣଛାତ୍ରମାନଙ୍କ ଅବାଧ ପ୍ରବେଶ ଏବଂ ନାନା ବିଶୃଙ୍ଖଳା ସୃଷ୍ଟି କରୁଥିବାରୁ ପରିଚାଳନାରେ ବାଧା ସୃଷ୍ଟି ହେଉଛି। ଏହାର ସ୍ଥାୟୀ ପ୍ରତିକାର ତଥା ଦୃଢ କାର୍ଯ୍ୟାନୁଷ୍ଠାନ ପାଇଁ ସମସ୍ତ କର୍ମଚାରୀ ଏକତ୍ର ହୋଇ ଦାବି କରିଛନ୍ତି।

## ରାତି ୧୧ ପରେ ଖୋଲିବନି ଢାବା

### ଅସାମାଜିକ ଘଟଣା ଏଡାଇବାକୁ ଅଣ୍ଟା ଭିଡିଲା ପୋଲିସ୍

**ନୂଆଗାଁ,୨୮ (ଡି.ଏନ.ଏ.)**

ନୟାଗଡ ଜିଲା ନୂଆଗାଁ ଥାନା ଅଞ୍ଚଳରେ ଦିନକୁ ଦିନ ଅସାମାଜିକ ଘଟଣାମାନ ବଢି ଚାଲିଥିବା ବେଳେ ତାହାକୁ ଏଡାଇବା ପାଇଁ ପୋଲିସ ଅଣ୍ଟା ଭିଡିଛି। ଏଣିକି ନୂଆଗାଁ ଥାନା ଅଞ୍ଚଳରେ ଥିବା କୌଣସି ହୋଟେଲ ବା ଢାବା ରାତି ୧୧ଟା ପରେ ଖୋଲି ପାରିବ ନାହିଁ ବୋଲି ପୋଲିସ ତରଫରୁ ଢାବା ମାଲିକମାନଙ୍କୁ ନିର୍ଦ୍ଦେଶ ଦିଆ ଯାଇଥିବା ନୂଆଗାଁ ଥାନା ଅଧିକାରୀ ମନୋରମା ମଲିକ ସୂଚନା ଦେଇଛନ୍ତି। ନୂଆଗାଁ ଥାନା ଅଞ୍ଚଳ ଆଦିବାସୀ ଅଧ୍ୟୁଷିତ ହୋଇଥିଲେ ମଧ୍ୟ ଏହି ଅଞ୍ଚଳରେ ଦିନକୁ ଦିନ ହତ୍ୟା, ଡକାୟତ, ରାହାଜାନି ଆଦି ଅସାମାଜିକ ଘଟଣାମାନ ବଢିଚାଲିଥିବା ନେଇ ଥାନାରେ ଅଭିଯୋଗ ବଢିବାରେ ଲାଗିଛି। ଯାହାର ମୁଖ୍ୟ କାରଣ ମଦ୍ୟପାନ ବା ନିଶା ସେବନ ବୋଲି କୁହାଯାଉଛି। ଏହି ଥାନା ଅଞ୍ଚଳରେ ନିଶା କାରବାର ଅବାଧରେ ଚାଲିଥିବା ବେଳେ ତାର କୁପ୍ରଭାବରେ ସାଧାରଣ ଲୋକେ ଅତିଷ୍ଠ ହୋଇପଡଛନ୍ତି। ଅସାମାଜିକ ଲୋକମାନେ ବିଳମ୍ବିତ ରାତିରେ ହୋଟେଲ ଗୁଡିକରେ ନିଶା ସେବନ କରି ରାତିରେ ସମସ୍ୟା ସୃଷ୍ଟି କରୁଥିବା ଅଭିଯୋଗ ହେଉଛି। ଏହି ନିଶା କବଳରେ ନାବାଳକମାନେ ଛନ୍ଦି ହୋଇ ପଡୁଛନ୍ତି। ଏପରିକି ନାବାଳକମାନେ ଢାବାରେ ବସି ମଦ୍ୟ ପାନ କରୁଥିବା ଦେଖିବାକୁ ମିଳୁଛି। ନିକଟରେ ୧୩ ବର୍ଷର ବାଳକ ଦୁଇଜଣ ଢାବାରେ ବସି ମଦ ପିଉଥିବା ଅଭିଯୋଗ ହେବା ପରେ ଅବାଧ ନିଶା କାରବାରରେ ଲଗାମ ଲଗାଇବା ପାଇଁ ନୟାଗଡ ଏସଡିପିଓ ନିରଞ୍ଜନ ପାଢୀ ନୂଆଗାଁ ଥାନାକୁ ନିର୍ଦ୍ଦେଶ ଦେଇଥିଲେ। ସେହି ଅନୁସାରେ ପ୍ରଥମେ ବିଳମ୍ବିତ ରାତି ଯାଏ ଖୋଲା ରହୁଥିବା ହୋଟେଲକୁ ୧୧ଟା ପୂର୍ବରୁ ବନ୍ଦ କରିବା ପାଇଁ ନୂଆଗାଁ ଥାନା ଅଧିକାରୀ ମଲିକ ତାଗିଦ କରିଛନ୍ତି।

## ମିଶନ ଶକ୍ତି ମହିଳା ଗ୍ରୁପ ସଦସ୍ୟାଙ୍କୁ ମତ୍ସ୍ୟଚାଷ ସମ୍ପର୍କିତ ତାଲିମ

**ଓଡ଼ଗାଁ, ୨୮(ସ୍ୱ.ପ୍ର.)**

ପଞ୍ଚାୟତ ସ୍ତରରେ ମିଶନ ଶକ୍ତି ମହିଳା ଗ୍ରୁପ ସଦସ୍ୟାଙ୍କୁ ପୋଖରୀରେ ମାଛ ଚାଷ ନିମନ୍ତେ ତାଲିମ ପ୍ରଦାନ କରାଯାଇଛି। ରାଜ୍ୟ ସରକାର ଓ ଜିଲା ମତ୍ସ୍ୟ ବିଭାଗ ଆନୁକୂଲ୍ୟରେ ଶୁକ୍ରବାର ଓଡଗାଁ କୃଷି ସୂଚନା ଓ ପରାମର୍ଶ କେନ୍ଦ୍ରରେ ଅନୁଷ୍ଠିତ ତାଲିମ ଶିବିରରେ ଓଡ଼ଗାଁ ଓ ରଣପୁର ବ୍ଲକର ବିଭିନ୍ନ ସ୍ୱୟଂ ସହାୟିକା ଗୋଷ୍ଠୀର ୩୦ ମହିଳା ପ୍ରତିନିଧି ଅଂଶଗ୍ରହଣ କରିଥିଲେ। ମହିଳା ଶିବିରାର୍ଥୀଙ୍କୁ ଅଧିକାରୀମାନେ ଯାଆଁଳ ଉତ୍ପାଦନଠାରୁ ଆରମ୍ଭ କରି ବିଭିନ୍ନ କିସମର ମାଛ ଚାଷ ନିମନ୍ତେ ବୈଷୟିକ ତାଲିମ ପ୍ରଦାନ କରିଥିଲେ। ଏହି ସମୟରେ ମାଛଙ୍କୁ ହେଉଥିବା କେତେକ ସଂକ୍ରମଣ ରୋଗର କାରଣ ଓ ଏହାର ନିରାକରଣ ସମ୍ପର୍କରେ ସୂଚନା ପ୍ରଦାନ କରିଥିଲେ। ଆଗାମୀ ଦିନରେ ପ୍ରତି ପଞ୍ଚାୟତରେ ରହିଥିବା ପୋଖରୀରେ ମିଶନ ଶକ୍ତି ମହିଳାମାନେ ସରକାରୀ ଧାର୍ଯ୍ୟ ଦରରେ ମାଛଚାଷ କରି ନିଜର ଆୟ ବୃଦ୍ଧି କରିବାରେ ସକ୍ଷମ ହୋଇପାରିବେ। ଏହାଦ୍ୱାରା ସେମାନଙ୍କ ଆର୍ଥିକ ସ୍ଥିତି ସୁଦୃଢ ହେବା ସହିତ ପାରିବାରିକ ଓ ସାମାଜିକ ସ୍ଥିତିରେ ବିକାଶ ହୋଇପାରିବ। ଓଡ଼ଗାଁ ବ୍ଲକ ଆତ୍ମା ଅଧ୍ୟକ୍ଷ ନିତ୍ୟାନନ୍ଦ ପ୍ରଧାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ଉପ ମତ୍ସ୍ୟ ନିର୍ଦ୍ଦେଶକ ସୁବଳ ଚନ୍ଦ୍ର ମହାନ୍ତି ପୁରୀ, ନୟାଗଡ ଅତିରିକ୍ତ ମତ୍ସ୍ୟ ଅଧିକାରୀ ସବିତା ଦାସ, ନୟାଗଡ ସହକାରୀ ମତ୍ସ୍ୟ ଅଧିକାରୀ ପୁଲିନ କୁମାର ମହାନ୍ତି, ଓଡ଼ଗାଁ ଓ ରଣପୁର ସହକାରୀ ମତ୍ସ୍ୟ ଅଧିକାରୀ ମନୋଜ କୁମାର ବେହେରା ଓ ଇତିଶ୍ରୀ ସାହୁ ଶିବିରାର୍ଥୀମାନଙ୍କୁ ତାଲିମ ପ୍ରଦାନ କରିଥିଲେ। ମିଶନ ଶକ୍ତି ସଂଯୋଜକ ପ୍ରକାଶ କୁମାର ପାତ୍ର, ମୃତ୍ୟୁଞ୍ଜୟ ବେହେରା ଶିବିରରେ ଉପସ୍ଥିତ ଥିଲେ।




ଶିବିରରେ ଯୋଗ ଦେଇଥିବା ଅତିଥି।

■ ଶିକାର ପାଇଁ ନିରାପଦ ସ୍ଥାନ ପଥରଗଣ୍ଡ ପ୍ରକଳ୍ପ

## ୧ ମାସରେ ୯ ବନ୍ୟଜନ୍ତୁ ଶିକାର

■ପାଣି ପିଇବାକୁ ଆସିଲେ ଜୀବନ ସଙ୍କଟରେ
■କୁକୁର ଲଗାଇ କରାଯାଉଛି ହତ୍ୟା
■ଭୋଜିରେ ଲାଗିଲା ଗାଁ ମୁହାଁ କୁଟୁରା

**ରଣପୁର,୨୮(ସ୍ୱ.ପ୍ର.)**

ବନ୍ୟଜନ୍ତୁ ଶିକାର ପାଇଁ ନୟାଗଡ ବନଖଣ୍ଡ ପଞ୍ଚରିଡା ରେଞ୍ଜର ପଥରଗଣ୍ଡ ପ୍ରକଳ୍ପ ନିରାପଦ ସ୍ଥାନ ପାଲଟିଛି। ରଣପୁର କ୍ଷୁଦ୍ର ଜଳସେଚନ ବିଭାଗ ଅଧୀନରେ ଥିବା ଏହି ପ୍ରକଳ୍ପ ନିକଟକୁ ବନ୍ୟଜୀବଜନ୍ତୁ ପାଣି ପିଇବାକୁ ଆସି ଶିକାର ହେଉଛନ୍ତି। ଭୋର ସମୟରେ ଆସୁଥିବା ବନ୍ୟପ୍ରାଣୀଙ୍କୁ କୁକୁର ଲଗାଇ ହତ୍ୟା କରାଯାଉଛି। ଗତ ୧ମାସ ମଧ୍ୟରେ ଏଠାରେ ୫ ବାର୍‌ହା ଓ ୪ କୁଟୁରା ଏପରି ୯ଟି ବନ୍ୟଜନ୍ତୁଙ୍କୁ ଶିକାର କରାଗଲାଣି ବୋଲି ଗ୍ରାମର କେତେକ ଲୋକ ନାମ ଗୋପନ ରଖି କହିଛନ୍ତି।

ଗତ ୩୧ ତାରିଖ ବୁଧବାର ଭୋର ସମୟରେ ଏକ କୁଟୁରା ପାଣି ପିଇବାକୁ ଏହି ପ୍ରକଳ୍ପକୁ ଆସିଥିବାବେଳେ କୁକୁର ପଲ ଆକ୍ରମଣ କରିଥିଲେ। କୁକୁରଙ୍କ ଆକ୍ରମଣରେ ଘାଇଲା ହୋଇ କୁଟୁରାଟି ଡମସାହିର ଏକ ଦୋକାନ ଘରେ ପଶି ଯାଇଥିଲା। କିଛି ଯୁବକ କୁଟୁରାକୁ କୁକୁର ମୁହଁରୁ ରକ୍ଷା କରି ନିଜେ ଭୋଜି କରି ଖାଇଥିବା ଅଭିଯୋଗ ହୋଇଛି।

ପ୍ରାପ୍ତ ସୂଚନା ଅନୁସାରେ ଡମସାହିର ଶାଳ ଜଙ୍ଗଲରେ କୁଟୁରା, ବାର୍‌ହା ଆଦି ବନ୍ୟ ଜୀବଜନ୍ତୁ ରହୁଛନ୍ତି। କିଛି ଶିକାରୀ ନିୟମିତ ଶାଳ ଜଙ୍ଗଲରେ ଶିକାର କରି ଆସୁଛନ୍ତି। ତେବେ ପଥରଗଣ୍ଡ ପ୍ରକଳ୍ପକୁ ଜୀବଜନ୍ତୁ ପାଣି ପିଇବାକୁ ଆସୁଥିବା ଦେଖି ଶିକାରୀ ଓ ସ୍ଥାନୀୟ କେତେକ ଲୋକ ବିଭିନ୍ନ ଉପାୟରେ ଶିକାର କରୁଛନ୍ତି। କେହି କେହି ଗୁଳି କରି ହତ୍ୟା କରୁଥିବାବେଳେ ଆଉ କେହି କୁକୁର ଲଗାଇ ହତ୍ୟା କରୁଛନ୍ତି। ସେହିପରି ୯ଟି ଶିକାର ମଧ୍ୟରୁ ୭ ବନ୍ୟପ୍ରାଣୀଙ୍କୁ କୁକୁର ଲଗାଇ ହତ୍ୟା କରାଯାଇଥିବା ଜଣେ ଶିକାରୀ ନାମ ଗୋପନ ରଖି ପ୍ରକାଶ କରିଛନ୍ତି।

ଶିକାରୀଙ୍କ ସୂଚନା ଅନୁସାରେ ପଥରଗଣ୍ଡ ପ୍ରକଳ୍ପ ନିରାପଦ ସ୍ଥାନ ପାଖରେ ଗୁଳି କରି ଶିକାର କରିବା ନିରାପଦ ନୁହେଁ। ଏଠାରେ କୁକୁର ଲଗାଇ ହତ୍ୟା କଲେ କେହି ଜାଣି ପାରୁ ନାହାନ୍ତି। ଏଥିରେ ଶିକାରୀଙ୍କ ଅପେକ୍ଷା କିଛି ସ୍ଥାନୀୟ ଲୋକ ସାମିଲ ଥିବାରୁ କଥା ବାହାରକୁ ଆସିପାରୁନି। ନୟାଗଡ ଡିଏଫ୍‌ଓ ଧନରାଜ ଏଚଡି କୁହନ୍ତି ଗତ ୩୧ ତାରିଖରେ ଘଟିଥିବା କୁଟୁରା ହତ୍ୟାର ତଦନ୍ତ ଚାଲୁ ରହିଛି। ଗାଁ ଲୋକ ମହଁ ଖୋଲୁ ନ ଥିବାରୁ ତଦନ୍ତରେ ବାଧା ଉପୁଜିଛି। ତଥାପି ବନ ବିଭାଗ ତଦନ୍ତକୁ ତ୍ୱରାନ୍ୱିତ କରି ସଫଳତା ପାଇବାକୁ ଆଶା ରଖିଛି।



